visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.301 Bhubaneswar Tuesday January 17 2023 | ୨୫ତମ ବର୍ଷ ସଂଖ୍ୟା-୩୦୧ ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୭, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS


## ଓଡିଶା ଉପରେ କେସିଆରଙ୍କ ନଜର: ଗମାଙ୍ଗ ପରେ ଭେଟିଲେ ପାଙ୍ଗୀ



ଭୁବନେଶ୍ୱର,୧୬।୧(ପି.ଏନ) : ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ (କେସିଆର)ଙ୍କ ନେତୃତ୍ୱାଧୀନ 'ଭାରତ ରାଷ୍ଟ୍ର ସମିତି' (ବିଆରଏସ) ଏବେ ତେଲଗୁ ଭାଷାଭାଷୀ ଲୋକମାନେ ରହୁଥିବା ଦେଶର ବିଭିନ୍ନ ଅଂଚଳରେ ନିଜର ଉପସ୍ଥିତି ଜାହିର କରିବାକୁ ରଣନୀତି ପ୍ରସ୍ତୁତ କରିଛି । ଗତ ୪ଦିନ ମଧ୍ୟରେ ଓଡିଶାର ୨ଜଣ ବରିଷ୍ଠ ଆଦିବାସୀ ନେତାଙ୍କୁ ସାକ୍ଷାତ କରି ବିଆରଏସ୍ ମୁଖ୍ୟ କେସିଆର ତାଙ୍କର ଓଡିଶା ସମ୍ପ୍ରସାରଣର ଆଭାସ ଦେଇଛନ୍ତି । ବିଶେଷକରି ଗଞ୍ଜାମ, ରାୟଗଡା, ଗଜପତି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ରହୁଥିବା ତେଲଗୁ ଭାଷାଭାଷୀ ଲୋକଙ୍କ ସହଯୋଗରେ ଓଡିଶାରେ ନିଜର ରାଜନୀତିକ ଉପସ୍ଥିତି ଜାହିର କରିବାକୁ ବିଆରଏସ୍ ଲକ୍ଷ୍ୟ ରଖିଥିବା ଜଣାପଡିଛି ।ବିଆରଏସ୍ ମୁଖ୍ୟ କେସିଆରଙ୍କୁ ଅବିଭକ୍ତ ଜିଲ୍ଲାର ବରିଷ୍ଠ ଆଦିବାସୀ ନେତା ଜୟରାମ ପାଙ୍ଗୀ ସାକ୍ଷାତ କରିଛନ୍ତି । ଶ୍ରୀ ପାଙ୍ଗୀ ନିଜେ ଏହି ସାକ୍ଷାତ ସମ୍ପର୍କରେ ସୂଚନା ଦେଇଥିଲେ ମଧ୍ୟ ବିଆରଏସ୍ ପାର୍ଟିରେ ଯୋଗ ଦେବେ କି ନାହିଁ ସେ ନେଇ କିଛି ସ୍ପଷ୍ଟ କରିନାହାନ୍ତି । ତେବେ ତାଙ୍କର ମିଶିବାକୁ ନେଇ ପ୍ରଶ୍ନର ଉତ୍ତରରେ 'ସମୟ କହିବ' କହି ସେ ରାଜନୀତିକ ଚର୍ଚ୍ଚାକୁ ଉନ୍ମୁକ୍ତ ରଖିଛନ୍ତି । ଶ୍ରୀ ପାଙ୍ଗୀ ୨୦୧୭ ମେ' ମାସରେ ବିଜେଡି ଛାଡି ବିଜେପିରେ ସାମିଲ ହୋଇଥିଲେ । କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ ପରାଜୟ ପରେ ଦଳରେ ନିଜକୁ ଅଣଦେଖା ଅଭିଯୋଗ ଆଣି ୨୦୨୨ ଏପ୍ରିଲ ମାସରେ ବିଜେପିରୁ ଇସ୍ତଫା ଦେଇଥିଲେ ।ସେବେଠୁ ଶ୍ରୀ ପାଙ୍ଗୀ କୌଣସି ଦଳରେ ସାମିଲ ନହୋଇ ଦଣ୍ଡକାରଣ୍ୟ ପର୍ବତମାଳା ବିକାଶ ପରିଷଦ ଗଠି ଓଡିଶା, ଛତିଶଗଡ ଓ ଆନ୍ଧ୍ରପ୍ରଦେଶର କିଛି ଅଂଚଳକୁ ନେଇ ସ୍ୱତନ୍ତ୍ର କେନ୍ଦ୍ରଶାସିତ ଅଂଚଳ ଦାବି କରୁଛନ୍ତି ।ଯାହାର ମୁଖ୍ୟାଳୟ କୋରାପୁଟ ଜିଲ୍ଲାରେ ରହିବ ବୋଲି ସେ କହିଛନ୍ତି । କିନ୍ତୁ କେସିଆରଙ୍କୁ ସାକ୍ଷାତ ପରେ ଶ୍ରୀ ପାଙ୍ଗୀ ବିଆରଏସ ପାର୍ଟିରେ ସାମିଲ ହେବାକୁ ନେଇ ଚର୍ଚ୍ଚା ଜୋର ଧରିଛି ।ଶ୍ରୀ ପାଙ୍ଗୀଙ୍କ ପୂର୍ବରୁ ଜାନୁୟାରୀ ୧୩ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଆଦିବାସୀ ନେତା ଗିରିଧର ଗମାଙ୍ଗ ଓ ତାଙ୍କ ପୁଅ ଶିଶିର ଗମାଙ୍ଗ ହାଇଦ୍ରାବାଦର ପ୍ରଗତି ଭବନରେ କେସିଆରଙ୍କୁ ଭେଟିବା ପରେ ଉଭୟ ପିତା-ପୁତ୍ର ବିଆରଏସ ପାର୍ଟିରେ ସାମିଲ ହେବାର ଚର୍ଚ୍ଚା ଆରମ୍ଭ ହୋଇଛି ।ଯଦିଓ ଉଭୟ ଏବେ ବିଜେପିରେ ଅଛନ୍ତି ଓ ବିଆରଏସରେ ସାମିଲ ହେବାର ସମ୍ଭାବନାକୁ ଖାରଜ କରିଛନ୍ତି, କିନ୍ତୁ ସେମାନେ ଖୁବଶୀଘ୍ର ସାମିଲ ହୋଇପାରନ୍ତି ବୋଲି ଜଣାପଡିଛି ।ବିଆରଏସ୍ ପକ୍ଷରୁ ଆସନ୍ତା ୧୮ତାରିଖରେ ତେଲେଙ୍ଗାନାର ଖମ୍ମମଠାରେ ଏକ ବିଶାଳ ସମାବେଶର ଆୟୋଜନ ହୋଇଛି, ଯେଉଁଥିରେ ଦଳ ନିଜର ଜାତୀୟ ସମ୍ପ୍ରସାରଣ ରଣନୀତି ସମ୍ପର୍କରେ ସୂଚନା ଦେବ । ଏଥିରେ କେରଳ, ଦିଲ୍ଲୀ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ସମେତ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଓ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ମଧ୍ୟ ସାମିଲ ହେବେ ବୋଲି ସୂଚନା ମିଳିଛି । ଏହି ସମାବେଶରେ ଓଡିଶାରୁ କିଛି ନେତା ସାମିଲ ହେବାର ମଧ୍ୟ ସମ୍ଭାବନା ରହିଛି ।ସୂଚନାଯୋଗ୍ୟ, ଓଡିଶାରେ ପ୍ରାୟ ୧୨ଲକ୍ଷ ତେଲଗୁ ଭାଷାଭାଷୀ ଲୋକ ରହୁଛନ୍ତି । ଯେଉଁମାନଙ୍କର ପ୍ରଭାବ ପ୍ରାୟ ୮ରୁ ୧୦ଟି ବିଧାନସଭା ଆସନରେ ରହିଛି । ବିଶେଷକରି ରାୟଗଡା, ଗଞ୍ଜାମ, ଗଜପତି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ତେଲଗୁ ଲୋକଙ୍କ ସହଯୋଗରେ ଓଡିଶାରେ ପ୍ରବେଶ ପାଇଁ ବିଆରଏସ୍ ରଣନୀତି ପ୍ରସ୍ତୁତ କରିଛି । ଦଳ ନିଜର ତେଲେଙ୍ଗାନା ଗଭର୍ଣ୍ଣାନ୍ସ ମଡେଲ ସହ ଚାଷୀଙ୍କ ପାଇଁ ରାଇଥୁ ବନ୍ଧୁ ଯୋଜନା, ମାଗଣା ୨୪ଘଣ୍ଟିଆ ବିଦ୍ୟୁତ,ପ୍ରତି ପରିବାରକୁ ୧୦ଲକ୍ଷ ଟଙ୍କାର ସହାୟତା ପାଇଁ ଦଳିତ ବନ୍ଧୁ ଯୋଜନା ସହ ଚାଷୀଙ୍କ ପାଇଁ ବିଭିନ୍ନ କଲ୍ୟାଣମୂଳକ ଯୋଜନା ଲାଗୁ କରି ତେଲେଙ୍ଗାନାରେ ୨୦୧୪ରୁ କ୍ଷମତାରେ ରହିଛି ।

## ୧୯ରୁ କୋଭିଡ୍ ଟିକାଦାନ ଅଭିଯାନ

ଭୁବନେଶ୍ୱର,୧୬।୧(ପି.ଏନ): ଆସନ୍ତା ୧୯ ତାରିଖରୁ ରାଜ୍ୟରେ ପୁଣି କୋଭିଡ୍ ଟିକାଦାନ ଅଭିଯାନ ଆରମ୍ଭ ହେବ। ପୂର୍ବ ପରି ଗ୍ରାମାଂଚଳ ଓ ସହରାଂଚଳରେ ନିର୍ଦ୍ଧାରିତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୋଭିଡ ଟିକା ଦିଆଯିବ। ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ କୋଭିସିଲ୍ଡ ଉପଲବ୍ଧ ହେବ। ଦ୍ୱିତୀୟ ଏବଂ ପ୍ରିକସନ୍ ଡୋଜ୍ ନେଇନଥିବା ବ୍ୟକ୍ତି ଟିକା ନେଇପାରିବେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି।

## ବସ୍ ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର,୧୬।୧(ପି.ଏନ): ଆସନ୍ତାକାଲି (ମଙ୍ଗଳବାର)ଠାରୁ ହେବାକୁ ଥିବା ବସ୍ ଧର୍ମଘଟ ସ୍ଥଗିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଘରୋଇ ବସ୍ ମାଲିକ ସଂଘ ଧର୍ମଘଟକୁ ସ୍ଥଗିତ ରଖିବାକୁ ନିଷ୍ପତି ନେଇଛି। ଘରୋଇ ବସ୍ ମାଲିକ ସଂଘ ସଂପାଦକ ଦେବେନ୍ଦ୍ର ସାହୁ କହିଛନ୍ତି ଆମର ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଥିଲା। ୧୦ଟି ରୁ ସରକାର ୩ଟି ଦାବି ମାନିଛନ୍ତି। ବାକି ଦାବି ଗୁଡିକ ମାର୍ଚ୍ଚ ୩୧ ସୁଦ୍ଧା ପୂରଣ ପାଇଁ ପ୍ରତିଶ୍ରୁତି ମିଳିଛି । ଏହି ସମୟ ସୁଦ୍ଧା ଦାବି ପୂରଣ ନହେଲେ ପୁନଶ୍ଚ ଏପ୍ରିଲ ମାସରୁ ଧର୍ମଘଟ ହେବ। ସ୍କ୍ରାପିଂ ପଲିସିକୁ ୧୫ ରୁ ୨୦ ବର୍ଷକୁ ବଢାଇବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି।

## ଚିତ୍ରୋତ୍ପଳା ନଦୀରୁ ଶହ ଶହ ଟ୍ରିପ୍ ବାଲି ଚୋରାଚାଲାଣ : ପ୍ରଶାସନ ଜାଣି ଅଜଣା

ସାଲେପୁର, ୧୬।୧(ପି.ଏନ): ସରକାର ରାଜସ୍ୱ ବୃଦ୍ଧି ପାଇଁ ସଦାସର୍ବଦା ଚେଷ୍ଟା କରୁଥିଲା ବେଳେ ନିଶ୍ଚିନ୍ତକୋଇଲି ଓ କିଶୋରନଗର ତହସିଲ ଅଧିନରେ ଥିବା ଚିତ୍ରୋତ୍ପଳା ନଦୀରୁ ଶହ ଶହ ଟ୍ରିପ୍ ବାଲି ବାହାରକୁ ଚାଲାଣ ହେଉଥିଲା ବେଳେ ସ୍ଥାନୀୟ ପ୍ରଶାସନ ଜାଣି ନଜାଣିଲା ଭଳି ଅଭିନୟ କରୁଥିବାରୁ ସରକାରଙ୍କ ପାଖକୁ ରାଜସ୍ୱ ଯାଇ ପାରୁନଥିବା ସାଧାରଣରେ ଆଲୋଚ୍ୟ ବିଷୟ ହୋଇଛି ।ସୂଚନାରୁ ଜଣାପଡିଛି, କଳମିଶ୍ରି, ମହମ୍ମଦପୁର, ନଗସପୁର, ପାଳଦା, କେନ୍ଦୁପାଟଣା ଆଦି ସ୍ଥାନରୁ ବାଲି ଉଠାଇବା ପାଇଁ ଲିଜ୍ ଦିଆଯାଇଛି ବୋଲି କୁହାଯାଉଥିଲା ବେଳେ ବାଲି ନେଉଥିବା ଟ୍ରାକ୍ଟର ଓ ହାଇୱା ଗାଡି ମାଲିକମାନେ ୱାଇ ଫର୍ମ ଦେବାକୁ ଅସମର୍ଥ ହେଉଛନ୍ତି । ଫଳରେ ଠିକାଦାର କାର୍ଯ୍ୟ କରୁଥିବା ବ୍ୟକ୍ତି ଶହ ଶହ ଟ୍ରିପ୍ ବାଲି କାର୍ଯ୍ୟ ପାଇଁ ନେଉଥିଲା ବେଳେ କୌଣସି ପ୍ରମାଣପତ୍ର ଅଫିସରେ ଦାଖଲ କରିପାରୁନଥିବାରୁ ବିଲ୍ ପାଇବାରେ ଅବହେଳା ହେଉଥିବା ଦେଖିବାକୁ ମିଳିଛି ।ସୂଚନାଯୋଗ୍ୟ ଯେ, ପାଳଦା ବାଲିଘାଟକୁ ସ୍ଥାନୀୟ ଲୋକମାନଙ୍କ ସହାୟତାରେ ବନ୍ଦ କରାଯାଇଥିଲା ବେଳେ ଅନ୍ୟ ଘାଟରେ ସ୍ଥାନୀୟ ନେତାମାନେ ସିଧାସଳଖ ସଂଶ୍ଳିଷ୍ଟ ରହୁଥିବା ଆଲୋଚନା ହେଉଛି ।

## ସମୁଦ୍ରକୂଳେ ହୋଟେଲ ଓ ରେଷ୍ଟୁରାଂଟ ଚଢାଉ : ବାସି ଖାଦ୍ୟ ନଷ୍ଟ

ପୁରୀ, ୧୬।୧(ପି.ଏନ): ଜିଲ୍ଲା ଖାଦ୍ୟ ସୁରକ୍ଷା ଓ ନିରାପତା ଅଧିକାରିଣୀ ଦେବଶ୍ରୀ ସାହୁ ଓ ତାଙ୍କ ଟିମ୍ ଆଜି ସମୁଦ୍ରକୂଳେ ଥିବା ବିଭିନ୍ନ ରେଷ୍ଟୁରାଂଟ ଓ ହୋଟେଲରେ ଚଢାଉ କରି ନିମ୍ନମାନର ଖାଦ୍ୟ ଓ ବାସିଖାଦ୍ୟ ଜବତ କରିବା ସହ ନଷ୍ଟ କରିଛନ୍ତି । ଏହି ସଚେତନତା ମୂଳକ ତଦାରଖ ଅଭିଯାନରେ ସହାୟକ ଭ୍ରମରବର ଜେନା, ଜ୍ଞାନରଞ୍ଜନ ମହାନ୍ତି,ସୁଶାନ୍ତ କୁମାର ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ମଦ ପିଇ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ପିଟିଲେ ସଭାପତି !



ଭୁବନେଶ୍ୱର,୧୬।୧(ପି.ଏନ): ସ୍କୁଲରେ ପଶି ଛାତ୍ରଛାତ୍ରୀଙ୍କୁ ମାଡ଼ ମାରିଥିଲେ ମଦ ପିଇ ମାତାଲା ହୋଇଥିଲା ସ୍କୁଲ ପରିଚାଳନା କମିଟି ସଭାପତି। ଯାହାର ପ୍ରତିବାଦ କରି ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସ୍କୁଲ ସମ୍ମୁଖ ରାସ୍ତାରେ ଧାରଣା ଦେଇଛନ୍ତି। ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ସ୍କୁଲରେ ଆଜି ଏହି ଘଟଣା ଘଟିଛି ।ସ୍କୁଲ ପରିଚାଳନା କମିଟିର ସଭାପତି ଦୀପକ ବେହେରା ଏହି ଉତ୍ପାତ କରିଥିବା ଅଭିଯୋଗ ହୋଇଛି। ସେ ବିନା କୌଣସି କାରଣରେ ସ୍କୁଲରେ ପଶି ଛାତ୍ରଛାତ୍ରୀଙ୍କୁ ମାଡ଼ ମାରିଥିଲେ ।ଅଭିଭାବକ ଓ ଛାତ୍ରଛାତ୍ରୀମାନେ କହିଛନ୍ତି, ଶ୍ରୀ ବେହେରା ମଧ୍ୟାହ୍ନ ଛୁଟି ସମୟରେ କ୍ଲାସ ରୁମ ଭିତରକୁ ପଶି ଆସିଥିଲେ। ଯେଉଁ ବହି ରୁଟିନରେ ନଥିଲା ସେହି ବହି ବାହାର କରିବାକୁ କହିଥିଲେ। ବହି ନ ଦେବାରୁ ଛାତ୍ରଛାତ୍ରୀଙ୍କୁ ମାଡ଼ ମାରିବା ସହିତ ଝିଅ ପିଲାଙ୍କ ସହିତ ଅସଦାଚରଣ କରିଥିଲେ। ଏହି ଭଳି ଅନେକାଂଶ ସହୟ ସେ ମଦ୍ୟପାନ କରି ସ୍କୁଲ ଭିତରକୁ ଚାଲି ଆସନ୍ତି। ଉତ୍ପାତ କରନ୍ତି। ଆଜି କିନ୍ତୁ ମାଡ଼ ମାରିବା ସହିତ ସବୁ ପିଲାଙ୍କୁ ସ୍କୁଲ ବାହାରକୁ ବାହାର କରିଦେଇଥିଲେ। ଏନେଇ ସେମାନେ ମଞ୍ଚେ?ଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ସଭାପତିଙ୍କ ଗିରଫ ଦାବିରେ ପିଲାଙ୍କ ସହିତ ଅଭିଭାବକମାନେ ସ୍କୁଲ ସମ୍ମୁଖ ରାସ୍ତାରେ ଧାରଣା ଦେଇଛନ୍ତି ।ଏନେଇ ବିଦ୍ୟାଳୟର ସଭାପତି ଦୀପକ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ଚୁପ୍ ରହିଛନ୍ତି। ସେପଟେ ଉତ୍ତ?ଜନାକୁ ଦୃଷ୍ଟିରେ ରଖି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରୁଛି।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୫ଟି ଗ୍ରୀଡ ସବ୍ ଷ୍ଟେସନ ଲୋକାର୍ପିତ

ଭୁବନେଶ୍ୱର,୧୬।୧(ପିଏନ):ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସୋମବାର ରାଜ୍ୟର ୪ଟି ଜିଲ୍ଲାରେ ୫ଟି ଉଚ୍ଚକ୍ଷମତା ସମ୍ପନ୍ନ ଗ୍ରୀଡ ସବ୍ ଷ୍ଟେସନ ଉଦ୍‌ଘାଟନ କରିଛନ୍ତି। ଏଥିପାଇଁ ୨୫୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ସ୍ଥାନଗୁଡିକ ହେଲା ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ, ମାଲକାନଗିରିର କାଳିମେଳା, ସୁବର୍ଣ୍ଣପୁରର ବୀରମହାରାଜପୁର ଓ କଟକ ଜିଲ୍ଲାର ଗୋଡିସାହି ଓ ବହୁଗ୍ରାମ। ଏହାଦ୍ୱାରା ଏହି ୪ଟି ଜିଲ୍ଲାର ୨ ଲକ୍ଷ ଲୋକ ଉପକାର ପାଇବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜନସାଧାରଣଙ୍କ ଜୀବନଧାରଣ ମାନରେ ଉନ୍ନତି ପାଇଁ ଉତମ ବିଦ୍ୟୁତଶକ୍ତିର ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରାଜ୍ୟରେ ବିଦ୍ୟୁତ ସଂପ୍ରସାରଣ ଓ ଆବଂଟନ ଭିତିଭୂମିର ବିକାଶ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଉଦ୍‌ଘାଟନ କରି ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ କୃଷି, ଶିଳ୍ପ ଓ ସାଧାରଣ ଜୀବନଯାପନ ସବୁ କ୍ଷେତ୍ରରେ ଉତମ ଓ ନିରବଚ୍ଛିନ୍ନ ବିଦ୍ୟୁତର ଆବଶ୍ୟକତା ରହିଛି। ବିଜୁଳି ଶକ୍ତି ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାକୁ ଅଯଥାରେ ନଷ୍ଟ ନ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ରାଜ୍ୟରେ ୧୮୫ଟି ଏକ୍ସଟ୍ରା ହାଇ ଭୋଲଟେଜ୍ ଗ୍ରୀଡ୍ ସବୁ ଷ୍ଟେସନ୍ ଥିବାବେଳେ ୧୬,୦୦୦ ସର୍କିଟ କିଲୋମିଟର ନେଟୱାର୍କ ରହିଛି ।କାର୍ଯ୍ୟକ୍ରମରେ ଯୋଗ ଦେଇ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଆଜି ଓଡିଶା ବିଦ୍ୟୁତ ଶକ୍ତିରେ ଏକ ବଳକା ରାଜ୍ୟ ହୋଇପାରିଛି। ଓଡିଶାର ଶକ୍ତି ବିତରଣ ବ୍ୟବସ୍ଥାକୁ ସୁଦୃଢ କରି ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ସଫଳ ହେଉଛି ବୋଲି ସେ ମତ ଦେଇଥିଲେ ।ଏହି ଅବସରରେ ଓଡିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଭାଗୀୟ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ମୁଖ୍ୟ ଶାସନ ସଚିବଙ୍କୁ ଏହି ପରିମାଣର ଚେକ୍ ପ୍ରଦାନ କରାଯାଇଥିଲା। ଅତି ଅଳ୍ପ ସମୟ ମଧ୍ୟରେ ରାଜ୍ୟ ସରକାରଙ୍କ ଏହି ସଂସ୍ଥା ଲାଭ କରିପାରିଥିବାରୁ ମୁଖ୍ୟମନ୍ତ୍ରୀ ଏହାର ଉଚ୍ଚପ୍ରଶଂସା କରିଥିଲେ। ୨୦୨୨-୨୩ର ପ୍ରଥମ ୬ ମାସ ମଧ୍ୟରେ ଓସିପିଏଲ୍ ୬୨୬ କୋଟି ଟଙ୍କା ଲାଭ କରିଛି ଏବଂ କୋଇଲା ଉତ୍ପାଦନରେ ୬୦ ପ୍ରତିଶତ ବୃଦ୍ଧି ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଓ ବାଙ୍କୀ ବିଧାୟକ ଦେବୀରଂଜନ ତ୍ରିପାଠୀ ପ୍ରମୁଖ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଯୋଗ ଦେଇ ରାଜ୍ୟରେ ବିଦ୍ୟୁତ ଶକ୍ତିର ବିକାଶ ଓ ଶିଳ୍ପାୟନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ପାଇଁ ଧନ୍ୟବାଦ ଦେଇଥିଲେ ।ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସକ ସଚିବ ନିକୁଞ୍ଜ ବିହାରୀ ଧଳ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓପିଟିସିଏଲର ଅଧ୍ୟକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଶକ୍ତି ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମୋବାଇଲ ଗେମ୍ ମାୟା ଜାଲରେ ଫସୁଛନ୍ତି ଶିଶୁ ଓ ଯୁବ ପିଢ଼ି



ଭୁବନେଶ୍ୱର,୧୬।୧(ପି.ଏନ): ଓଡ଼ିଶାରେ ହୁ ହୁ ହୋଇ ବ୍ୟାପୁଛି ମୋବାଇଲ ଗେମ୍ ମାୟା ଜାଲ। ଟାଣି ହୋଇ ଯାଉଛନ୍ତି ଶିଶୁ ଓ ଯୁବ ପିଢ଼ି। ମୋବାଇଲ ପ୍ରିମିୟର ଲିଗ(ଏମ୍‌ପିଏଲ୍) ନାମକ ଏକ ଗେମିଂ ପ୍ଲାଟଫର୍ମ ପକ୍ଷରୁ ପ୍ରକାଶିତ ଇଣ୍ଡିଆ ମୋବାଇଲ ଗେମିଂ ରିପୋର୍ଟ ୨୦୨୨ରୁ ଆସିଛି ଏମିତି ଚିନ୍ତାଜନକ ତଥ୍ୟ ।ରିପୋର୍ଟ ଅନୁସାରେ ବର୍ଷକ ଭିତରେ ଓଡ଼ିଶାରେ ମୋବାଇଲ ଗେମ୍ ୟୁଜରଙ୍କ ସଂଖ୍ୟା ବଢିଛି ପ୍ରାୟ ୫୫ ପ୍ରତିଶତ। ଯାହାକି ସାରା ଦେଶରେ ଏକ ନମ୍ବର। ତା'ତଳକୁ ପଞ୍ଜାବ, ତାମିଲନାଡୁ, ପୁଡୁଚେରୀ ଓ ହିମାଚଳ ପ୍ରଦେଶ ଅଛନ୍ତି। ଅନ୍ୟ ଗୁରୁତ୍ୱପୂର୍ଣ୍ଣ କଥା ହେଲା କେବଳ ରାଜଧାନୀ ଭୁବନେଶ୍ୱରରେ ମୋବାଇଲ ଗେମ୍ ୟୁଜରଙ୍କ ସଂଖ୍ୟା ବଢିଛି ୧୬ ଶହ ୫୨ ପ୍ରତିଶତ। ସର୍ବାଧିକ ଖେଳା ଯାଉଥିବା ଗେମ୍ ଗୁଡିକ ହେଲା- ଲୁଡୋ, ସାପ, କ୍ୟାରମ, ଫ୍ଲୁଟ ଡାର୍ଟ ଓ ପଜଲ ପୋକର। ଯାହାର ମୁଖ୍ୟ ୟୁଜର୍ସ ହେଉଛନ୍ତି ଶିଶୁ ଓ ସ୍କୁଲ ପିଲା। ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଉଭୟ ଚାଇଲଡ ଲାଇନ୍ ଓ ଶିଶୁ ସୁରକ୍ଷା ଆୟୋଗ। ଅଭିଭାବକଙ୍କ ସଚେତନତା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିବାବେଳେ ଆଗକୁ ମୋବାଇଲ୍‌ର ନକରାତ୍ମକ ପ୍ରଭାବକୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ।

## ଖବରକାଗଜ ଡଟ୍ ଇନ୍ ଲୋକାର୍ପିତ



ଭୁବନେଶ୍ୱର,୧୬।୧(ପି.ଏନ): Khabarkagaj.in ଗୋଟିଏ ଅଭିନବ ପ୍ରୟାସ। ଏଥିପାଇଁ ଦେବାର୍ଚ୍ଚନ ଟ୍ରଷ୍ଟ ଧନ୍ୟବାଦର ପାତ୍ର ଅଟନ୍ତି। ଏହା ବଂଚିତ ସାଧାରଣ ପାଠକମାନଙ୍କୁ ସହଜରେ ଉପଲବ୍ଧ ହେବା ସଂଗେସଂଗେ ଖବରକାଗଜର ସମ୍ପାଦନାର ସ୍ତରରେ ଉନ୍ନତି ଆଣିବା ଦିଗରେ ସହାୟକ ହେବ। ବିଭିନ୍ନ ଖବରକାଗଜର ସଂପାଦକ ଓ ବାର୍ତ୍ତା ସଂପାଦକଙ୍କ ଗହଣରେ ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା ଶ୍ରୀଯୁକ୍ତ ଅଶ୍ୱିନୀ ଉପାଧ୍ୟାୟ khabarkagaj.in ନାମକ ୱେବସାଇଟ ଉଦଘାଟନ ଅବସରରେ ଏପରି ଭାବ ବ୍ୟକ୍ତ କରିଥିଲେ ।ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ୱେବସାଇଟ ବାବଦରେ ଅବଗତ କରାଇ କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ସଜନ ଶର୍ମା କହିଛନ୍ତି ଯେ ଏହା ଏକ ଆଭାସୀ ପାଠାଗାର ଭାବରେ କାର୍ଯ୍ୟ କରିବ। ଖବରକାଗଜ ପକ୍ଷରୁ ଯୋଗାଇ ଦିଆଯାଇଥିବା,ପିଡିଫ କପି ଏଠାରେ ସ୍ଥାନିତ ହେବ। ଏକାଠି ଅନେକ କାଗଜ ପଢ଼ିବାର ସୁଯୋଗ ବଂଚିତ ପାଠକମାନେ ପାଇବେ। ଏହି ବ୍ୟବସ୍ଥାରେ ତ୍ରୁଟି ସୁଧାରିବା ଓ ଉନ୍ନତି ଆଣିବା ପାଇଁ ଏବେ କିଛି ଦିନ ପରୀକ୍ଷାମୂଳକ ଭାବେ ଏହି ୱେବସାଇଟ କାର୍ଯ୍ୟ କରିବ। ଗୋଟିଏ ମାସରେ ପାଠକ ଓ ପ୍ରକାଶକମାନଙ୍କ ପରାମର୍ଶକୁ ଆଧାର କରି ପୂର୍ଣ୍ଣାଙ୍ଗ ସାଇଟ୍ ଲୋକର୍ପିତ ହେବ। ଏହି ଉଦ୍ୟମରେ ସମସ୍ତଙ୍କ ସହଯୋଗ କାମନା କରୁଛୁ। ଶେଷରେ ଦେବାର୍ଚ୍ଚନ ଟ୍ରଷ୍ଟର ସଭାପତି ଶ୍ରୀଯୁକ୍ତ ହିତେଶ ମୋହନ ମହାପାତ୍ର ଉପସ୍ଥିତ ପ୍ରତିନିଧି ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ମଣ୍ଡି ବ୍ୟବସ୍ଥାର ଦୁର୍ନୀତିକୁ ନେଇ ଭିଜିଲାନ୍ସ ଡିଜିଙ୍କୁ ଫେରାଦ ହେଲା ବିଜେପି କୃଷକମୋର୍ଚ୍ଚା

କଟକ/ଭୁବନେଶ୍ୱର,୧୬।୧ (ପି.ଏନ): ସଂପ୍ରତି ରାଜ୍ୟରେ ଚାଲିଥିବା ଧାନମଣ୍ଡି ବ୍ୟବସ୍ଥାରେ ବ୍ୟାପକ ଦୁର୍ନୀତି ଏବଂ ମିଲର୍ସ, ମଣ୍ଡି ଅଧିକାରୀ, ଆରଏମସି ଅଧିକାରୀ ଏବଂ ଯୋଗାଣ ବିଭାଗର ଅଧିକାରୀମାନଙ୍କ ମଧୁଚନ୍ଦ୍ରିକା କାରଣରୁ ଚାଷୀ କ୍ଷତି ସହୁଛି। ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ ସତ୍ୱେ କର୍ତ୍ତୃପକ୍ଷ ନୀରବ। ମିଲରମାନଙ୍କ ସ୍ୱେଚ୍ଛାଚାରିତା ଏବଂ ମନମାନୀ କାରଣରୁ ଜିଲ୍ଲା ପ୍ରଶାସନ ବି ନିଃସହାୟ। ଫଳରେ ମିଲର ଚାହିଁଲେ ମଣ୍ଡି ଚାଲିବ ନଚେତ୍ ବନ୍ଦ ହେବ। ଏଭଳି ପରିସ୍ଥିତିରେ ବିଚରା ଚାଷୀ ତାର ଧାନକୁ ବିକ୍ରି କରି ପାରୁନାହିଁ କିମ୍ବା କେନ୍ଦ୍ର ସରକାର ଦେଉଥିବା ଏମଏସପି ଟ.୨୦୪୦ଙ୍କା ମଧ୍ୟ ଠିକ୍ ଭାବେ ପାଇପାରୁ ନାହିଁ। ପରିଶେଷରେ ଚାଷୀର ଟୋକନ ରଦ୍ଦ ହେଉଛି। ଏଣୁ ମଣ୍ଡି ବ୍ୟବସ୍ଥାର ସୁଧାର ଆଣିବା ପାଇଁ ବିଜେପି କୃଷକ ମୋର୍ଚ୍ଚାର ଏକ ପ୍ରତିନିଧି ମଣ୍ଡଳୀ କଟକଠାରେ ଭିଜିଲାନ୍ସ ଡିଜିଙ୍କ ଅନୁପସ୍ଥିତିରେ ଡିଆଇଜି ଆର. ପ୍ରକାଶଙ୍କୁ ଭେଟି ତିନି ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।କୃଷକମୋର୍ଚ୍ଚା ଅଭିଯୋଗ କରିଛି ଯେ ଟୋକନ ବ୍ୟବସ୍ଥା ରାଜ୍ୟସ୍ତରୀୟ ହେଉଥିବାରୁ ସେଥିରେ ବ୍ୟାପକ ଅନିୟମିତତା ହେଉଛି। ପୂର୍ବଭଳି ଡିଏଲପିସି ମିଟିଂ ଜିଲ୍ଲାରେ ବସୁନାହିଁ। ଟୋକନ ପାଇଥିବା ଚାଷୀଙ୍କର ନାମ ତାଲିକା ମଣ୍ଡି କାନ୍ଥରେ ମରାଯାଉ ନାହିଁ। ଯେଉଁଦିନ ଯେତିକି ଟୋକନ ଧାର୍ଯ୍ୟ ହେଉଛି ସେତିକି ଚାଷୀଙ୍କଠାରୁ ମିଲର ଧାନ ନକିଣିବାରୁ ଚାଷୀର ଟୋକନ ଲାପ୍ସ୍ ରଦ୍ଦ ହେଉଛି। ଟୋକନ ବ୍ୟବସ୍ଥା ରାଜ୍ୟ ସ୍ତରୀୟ ହୋଇଥିବାରୁ ଚାଷୀ ଆଉ ରାଜଧାନୀକୁ ଦୌଡିବା ସମ୍ଭବ ହେଉନାହିଁ। ଧାନ ମଣ୍ଡିରୁ ମିଲର କେତେ ପରିମାଣର ଧାନ କିଣିଛି ଏବଂ ବାସ୍ତବରେ କେତେ ପରିମାଣର ଧାନ ଟ୍ରକରେ ମହଜୁଦ୍ ଥାଇ ପରିବହନ ହେଉଛି ଏହାର ବିଧିବଦ୍ଧ କାଗଜ ଯାଂଚ କରାଯାଇ ଗାଡିକୁ ଓଜନ କରାଗଲେ ବାସ୍ତବ ଦୁର୍ନୀତି ଧରାପଡିବ ବୋଲି ଡିଆଇଜିଙ୍କୁ ଅବଗତ କଲେ କୃଷକମୋର୍ଚ୍ଚା ପ୍ରତିନିଧି ମଣ୍ଡଳୀ। ଏହା ବ୍ୟତୀତ ଏଫଏକ୍ୟୁ ମାନର ଧାନ ଚିହ୍ନଟ ପାଇଁ ପ୍ରତି ମଣ୍ଡିକୁ ସରକାର ମାପକ ଯନ୍ତ୍ରମାନ ଯୋଗାଇଛନ୍ତି, କିନ୍ତୁ ସେଥିରେ ଧାନକୁ ପରୀକ୍ଷା ନକରାଯାଇ ମିଲ୍‌ର ସ୍ୱାର୍ଥକୁ ଦୃଷ୍ଟିରେ ରଖି କ୍ୱିଂଟାଲ ପ୍ରତି ସର୍ବନିମ୍ନ ୪କିଗ୍ରା ରୁ ୧୦କିଗ୍ରା ପର୍ଯ୍ୟନ୍ତ ଧାନ କଟାଯାଉଅଛି ଯଦ୍ୱାରା ଚାଷୀ କ୍ଷତି ସହୁଛି। ଯଦି ଚାଷୀଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରାଯାଆନ୍ତା ତାହାଲେ ମଣ୍ଡି ବ୍ୟବସ୍ଥାରେ ଅନେକ ସୁଧାର ଆସିପାରନ୍ତା ଏବଂ ମିଲର୍ସମାନଙ୍କର ଉପଦ୍ରବ୍ୟବରୁ ଗରିବ ଚାଷୀଟି ରକ୍ଷାପାଇପାରନ୍ତା ଏବଂ ଲାଭବାନ ହୁଅନ୍ତା ବୋଲି କୃଷକମୋର୍ଚ୍ଚା ପ୍ରତିନିଧି ମଣ୍ଡଳୀ ଡିଜିଙ୍କ ଉର୍ଦ୍ଦେଶରେ ଡିଆଇଜିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଜଣେ ଏସ୍‌ପି ପାହ୍ୟାର ଅଧିକାରୀ ତଦନ୍ତ କରିବେ ବୋଲି ଡିଆଇଜି ଶ୍ରୀ ପ୍ରକାଶ ପ୍ରତିଶ୍ରୁତି ଦେଇଛନ୍ତି। ଏହିପ୍ରତିନିଧି ମଣ୍ଡଳୀରେ ବରିଷ୍ଠ ଉପସଭାପତି ହୃଶିକେଶ ଜେନା, ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, କଟକ ନଗର ବିଜେପି ଜିଲ୍ଲା ସଭାପତି ଲଲାଟେନ୍ଦୁ ବଡୁ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ କୁମାର ସ୍ୱାଇଁ, ମୋର୍ଚ୍ଚାର ରାଜ୍ୟ କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ଗଣମାଧ୍ୟମ ସଂଯୋଜକ ହିତେଶ ମହାପାତ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମିରଞ୍ଜନ କାନୁନଗୋ, ସଂଯୋଜକ ପ୍ରଶାନ୍ତ କୁମାର ଗଣ୍ଡିଆ, ଜଗତସିଂହପୁର ଜିଲ୍ଲା ସଭାପତି ତପନ କୁମାର ବେହେରା ଓ କଟକ ସଦର ଜିଲ୍ଲା ସାଧାରଣ ସଂପାଦକ ନିର୍ମଳ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଦିନ ଯାଏଁ ଉତର ଓଡିଶାରେ ହାଲୁକା ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୬।୧(ପିଏନ):ଆସନ୍ତାକାଲି (ମଙ୍ଗଳବାର)ଓ ବୁଧବାର ଦୁଇ ଦିନ ପାଇଁ ରାଜ୍ୟର କିଛି ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ସେହିପରି ଦୁଇଦିନ ପାଇଁ ଘନ କୁହୁଡ଼ି ଦେଖାଯିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଉତର ଓଡ଼ିଶାର କିଛି ଜିଲ୍ଲାରେ ହାଲୁକା ବର୍ଷା ହୋଇପାରେ। ମଙ୍ଗଳବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଢେଙ୍କାନାଳ ଏବଂ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୮ ତାରିଖରେ କେନ୍ଦୁଝର, ମୟୂରଭଂଜ,ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଏବଂ ଯାଜପୁର ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ରହିଛି। ତେବେ ଅନ୍ୟ ଜିଲ୍ଲାମାନଙ୍କରେ ଶୁଖିଲା ପାଗ ରହିବ ।ଅପରପକ୍ଷରେ ଘନ କୁହୁଡି ସମ୍ଭାବନା ଥିବାରୁ ୨୪ ଘଂଟା ପାଇଁ ୭ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏହି ଜିଲ୍ଲାଗୁଡିକ ହେଲା ଅନୁଗୁଳ, ଢେଙ୍କାନାଳ, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଏବଂ ଗଂଜାମ ଜିଲ୍ଲାରେ ଘନ କୁହୁଡ଼ି ସମ୍ଭାବନା ରହିଛି। ଏହି ସମୟରେ ୫୦ରୁ ୨୦୦ ମିଟର ଭିଜିବିଲିଟି ରହିପାରେ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫଓ୍ୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କର୍ଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ






ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।

ସଂ ଗଚ୍ଛଦ୍ଧ୍ବଂ ସଂ ବଦଦ୍ଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

# ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜାନୁଆରୀ ୧୭

## ମାର୍ଟିନ ଲୁଥର ତୃତୀୟଙ୍କ ଦୃଷ୍ଟିରେ ସତ୍ୟନିଷ୍ଠ ଗାନ୍ଧୀ



ଉମାଶଙ୍କର ପ୍ରସାଦ

ମାର୍ଟିନ ଲୁଥର କିଙ୍ଗ୍ ତୃତୀୟ ୧୯୫୯ ମସିହା ଫେବୃଆରୀ ୩ ତାରିଖରେ ଯେତେବେଳେ ଆମେରିକାରୁ ଭାରତ ଭ୍ରମଣ ରେ ଆସିଥିଲେ ଏବଂ ଭାରତ ରହଣି କାଳରେ ମାର୍ଚ୍ଚ ୧ ତାରିଖରେ ସେ ଅହମଦାବାଦ ସ୍ଥିତ ସାବରମତୀ ଆଶ୍ରମ ପରିଦର୍ଶନ କରିଥିଲେ , ମହାତ୍ମା ଗାନ୍ଧୀ ୮ ଜଣ ସାଥୀଙ୍କ ସହ ଏହିଠାରୁ ୨୧୮ ମାଇଲ ଦୂରବର୍ତ୍ତୀ ଦାଣ୍ଡିକୁ ପଦଯାତ୍ରା ଲବଣ ସତ୍ୟାଗ୍ରହ କରିଥିଲେ ଯେଉଁଥିରେ ଲକ୍ଷ ଲକ୍ଷ ଜନତା ସ୍ୱତଃସ୍ଫୂର୍ତ ଭାବରେ ଯୋଗ ଦେଇଥିଲେ। ମାତ୍ର ଆଜିର ନେତା ମାନଙ୍କର ପଦଯାତ୍ରା ଓ ଏହାର ଉଦ୍ଦେଶ୍ୟ ଭାବିଲେ ମନ ଦୁଃଖରେ ମ୍ରିୟମାଣ ହୋଇଉଠେ। ସେ ଦିନ ମହାତ୍ମା ଗାନ୍ଧୀଙ୍କ ବିଷୟରେ ଯେଉଁ ଜ୍ଞାନ ଓ ଅନୁଭବ ଲାଭ କରିଥିଲେ ସେ ତାଙ୍କ ଆତ୍ମ ଜୀବନୀରେ ଲିପିବଦ୍ଧ କରିଛନ୍ତି। ମହାତ୍ମା ଗାନ୍ଧୀଙ୍କର ନୀତି ଓ ଆଦର୍ଶକୁ ସେ କିପରି ନିଜ ଜୀବନରେ ଆପଣେଇ ନେଇଥିଲେ ଏବଂ ସେ ଗାନ୍ଧୀଙ୍କୁ ସତ୍ୟନିଷ୍ଠ ବୋଲି କହିଥିଲେ। ସେ ତାଙ୍କର ଏକ ଟିପଣୀରେ ଲେଖିଥିଲେ " ଏହି ଯାତ୍ରା ତାଙ୍କୁ ଖୁବ ପ୍ରଭାବିତ କରିଥିଲା । ଗାନ୍ଧୀଙ୍କ ଦେଶରେ ପାଦ ଦେବା ତାଙ୍କ ପରିବାର ପରିଜନବର୍ଗଙ୍କ ସହିତ କଥା ହେବା ତାଙ୍କ ସହକର୍ମୀ ମାନଙ୍କର ସ୍ମୃତି ଚାରଣରେ ସହଭାଗୀ ହେବା, ତାଙ୍କ ଆଶ୍ରମ ପରିଦର୍ଶନ କରିବା ଏବଂ ତାଙ୍କ ସମାଧିପୀଠରେ ପୁଷ୍ପଗୁଚ୍ଛ ଅର୍ପଣ କରିବା ଅତ୍ୟନ୍ତ ଆନନ୍ଦ ଦାୟକ ଅନୁଭବ ଥିଲା। ଏହି ଦେଶରୁ ଆମେ ଅନେକ କିଛି ଶିକ୍ଷାକଲୁ ତଥାପି ଭାରତ ବର୍ଷକୁ ଜାଣିଗଲୁ ବୋଲି କହିବା ଧୃଷ୍ଟତା ହେବ। ତାର ଜନଗଣ, ସିଦ୍ଧି ଓ ବୈଷମ୍ୟକୁ ନେଇ ଭାରତ ଏକ ବିରାଟ ଉପମହାଦେଶ ଅଟେ।" ସ୍ୱାଧୀନତା ସଂଗ୍ରାମ କରିବା ପାଇଁ ନଷ୍ଟେସିତ ଜନତାଙ୍କର ଅଂହିସା ପ୍ରତିରୋଧ ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ଥିଲା। ଏବଂ ଅଂହିସା ଆନ୍ଦୋଳନର ଚମକପ୍ରଦ ବିଜୟ ନିଜ ଆଖିରେ ଦେଖିବା ବିସ୍ମୟକର ଥିଲା। ହିଂସାର ପଥ ବର୍ତ୍ତିଯାଇଥିବା ଲୋକଙ୍କର ତିକ୍ତତା ଏବଂ ଧ୍ୱଂସକାରୀଙ୍କର ନୃଶଂସତା ବୃଦ୍ଧିକରେ କିନ୍ତୁ ଅଂହିସାର ପଥ ମୁକ୍ତି ପ୍ରଦାନ କରେ ତଥା ପ୍ରିତିପୂର୍ଣ୍ଣ ସମାଜ ପ୍ରତିଷ୍ଠା କରେ। ମୋର ଭାରତ ଗସ୍ତ ଫଳରେ ଅଂହିସା ର ବାରିଧାରା ମୋ ଜୀବନରେ ପ୍ରବାହିତ ହେବା ସହ ମୋର ଅଙ୍ଗୀକାର ଆହୁରି ଦୃଢ଼ିଭୂତ ହେଲା। ମାତ୍ର ଆଜି ପୃଥିବୀ ମହାତ୍ମାଗାନ୍ଧୀଙ୍କ ପରି ବ୍ୟକ୍ତିଙ୍କୁ ଭଲ ପାଏନାହିଁ। ଏହା ଏକ ଅଦ୍ଭୁତ କଥା ନୁହେଁ କି? ଭାରତରେ ଏପରି ଲୋକ ଅଛନ୍ତି ଯେଉଁମାନେ ଖ୍ରୀଷ୍ଟ, ଲିଙ୍କନ୍ ଙ୍କ ପରି ବ୍ୟକ୍ତିଙ୍କୁ ଭଲ ପାଆନ୍ତି ନାହିଁ! ସେମାନେ ସେହି ଲୋକଟିକୁ ମାରିଦେଲେ , ଯେ ଭାରତ ପାଇଁ ନିଜର ସର୍ବସ୍ୱ ତ୍ୟାଗ କରିଥିଲା। ଯିଏ ସେତେବେଳେ ୪୦ କୋଟି ଜନତାଙ୍କୁ ଏକାଠି କରି ସ୍ୱାଧିନତା ପାଇଁ ଅଭିମନ୍ତ୍ରିତ କରିଥିଲା। ତାଙ୍କରି ହିନ୍ଦୁ ଭାଇ ଜଣେ ଅନୁଭବ କରିଥିଲା ଗାନ୍ଧୀ ମୁସଲମାନଙ୍କ ସପକ୍ଷରେ ଟିକେ ଢଳିବା ସହ ସେମାନଙ୍କ ପାଇଁ ଅନେକ କିଛି ଦେଇଦେଉଛନ୍ତି। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେଉଁ ଲୋକଟି ଅଂହିସାରେ ବିଶ୍ୱାସ କରୁଥିଲ। ତା ଜୀବନ ହିଂସାରେ ବିଶ୍ୱାସ କରୁଥିବା ଜଣେ ଲୋକହାତରେ ଗଲା। ଯେଉଁ ଲୋକ ସମସ୍ତଙ୍କୁ ଭଲ ପାଉଥିଲା, ତା ଜୀବନ ଘୃଣା କରୁଥିବା ଜଣେ ଲୋକ ହାତରେ ଗଲା। ଏହାହିଁ ଇତିହାସର ଗତି ଭଳି ବୋଧ ହେଉଛି। ମାତ୍ର ଇଶ୍ୱରଙ୍କୁ ଅଶେଷ ଧନ୍ୟବାଦ ଯେ ଯେଉଁ ଲୋକ ଗୁଳିମାରି ଗାନ୍ଧୀଙ୍କ ହୃଦୟ ବିଦାରି ଦେଲା, ସେ ତାଙ୍କୁ ସମଗ୍ର ମାନବ ଜାତିର ହୃଦୟରେ ସ୍ଥାନିତ କରିଦେଲା। ଲକ୍ଷ କରିବାର କଥା ଯେ ଆବ୍ରାହମ ଲିଙ୍କନଙ୍କୁ ଯେଉଁଥି ପାଇଁ ଗୁଳିମାଡ ହୋଇଥିଲା, ଠିକ୍ ସେଇଥି ପାଇଁ ମହାତ୍ମା ଗାନ୍ଧୀଙ୍କୁ ଗୁଳିମାଡ ହୋଇଥିଲା। ଲିଙ୍କନଙ୍କୁ ଗୁଳିମାଡ ହେଲାବେଳେ ପାଖରେ ଛିଡା ହୋଇଥିବା ତାଙ୍କର ସଚ୍ଚିବ ଷ୍ଟାଂଟନ କହିଥିଲେ ' ଏବେ ସେ ଯୁଗ ପୁରୁଷ ହୋଇଗଲେ'। ବର୍ତ୍ତମାନ ମହାତ୍ମା ଗାନ୍ଧୀଙ୍କ ବିଷୟରେ ସେହିକଥା କୁହାଯାଇ ପାରିବ ସେ ମଧ୍ୟ ଜଣେ ସତ୍ୟନିଷ୍ଠ ଯୁଗପୁରୁଷ। ସତ୍ୟକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି ମାଟିରେ ମିଶାଇ ଦେଲେବି ତାହା ପୁନରୁଜ୍ଜୀବିତ ହୋଇ ଉଠିବ। ଜେମସ୍ ରସେଲ୍ ଲୋବେଲ୍ଙ୍କ ଭାଷାରେ "ସତ୍ୟ ପଶିଛି ସଦା ଫାଶର ଫନ୍ଦାରେ / ପ୍ରମାଦ ବସିଛି ସଦା ସିଂହାସନ ପରେ/ ଦୋହଲୁଛି ଭବିଷ୍ୟ ଫାଶୀ ଦଉଡିରେ/ ନିଷ୍ପ୍ରଭ ଅଙ୍ଗାତେ ଉଭା ଇଶ୍ୱର ଆମ ପ୍ରଶ୍ଚାତ୍‌ରେ/ ନିଜଗଢା ଜଗତକୁ ଚାହିଁ ରହିଛନ୍ତି ଅନ୍ଧାର ଭିତରେ"। ମହାତ୍ମା ଗାନ୍ଧୀ ଭାରତରେ ଯାହା କଲେ, ତାହା ସେ କିପରି କଲେ ବୋଲି ଯଦି ପ୍ରଶ୍ନ ହୁଏ ତେବେ ଲୋକମାନେ କହିବେ ଗାନ୍ଧୀ ଥିଲେ ସମ୍ପୂର୍ଣ୍ଣ ସତ୍ୟନିଷ୍ଠ, ବିଶ୍ୱସ୍ତ ଏବଂ ବିଶେଷ ଭାବରେ ତାଙ୍କର ସମର୍ପଣ ଭାବ ଯୋଗୁ ଏହା ସମ୍ଭବ ହୋଇ ପାରିଥିଲା। ସେ ଏପରି ଏକ ବ୍ୟକ୍ତି ଥିଲେ ଯିଏ ନିଜର ଅନୁଗାମୀ ମାନଙ୍କୁ କହୁଥିଲେ ସେ ଦୋଷଶୂନ୍ୟ ନୁହନ୍ତି, ସେ ଗୋଟାପଣେ ଜଣେ ମଣିଷ। ଭାରତରୁ ବିଦାୟ ନେବାବେଳେ ୧୯୫୯ ମାର୍ଚ୍ଚ ୯ ତାରିଖରେ ମାଟିନ୍ କହିଥିଲେ " ଭାରତର ଜନଗଣଙ୍କୁ ଓ ସରକାରଙ୍କୁ ମୋର ଏକ ନିବେଦନ କରିବାର ଅଛି ଯାହା ବିନୋବା ବାଭେଙ୍କ ସହିତ ଆଲୋଚନା ସମୟରେ ମୋ ମନକୁ ଆସିଥିଲା। ପୃଥିବୀର ଶାନ୍ତିପ୍ରିୟ ଦେଶମାନେ ଭୟ ନିବାରଣ ଓ ନିରସ୍ତ୍ରୀକରଣ ପାଇଁ ମୋ ନିଜ ଦେଶ ଆମେରିକା ଏବଂ ସୋଭିଏତ ଋଷିଆକୁ ରାଜି କରାଇବାରେ ସେ ସକ୍ଷମ ହୋଇପାରି ନାହାନ୍ତି। ଦୁର୍ଭାଗ୍ୟବଶତଃ ଏ ପର୍ଯ୍ୟନ୍ତ ଆମେରିକା ଓ ସୋଭିଏତ ଋଷ ଏପରି କରିବା ନିମିତ୍ତ ଏପରି ସାହସ ଦେଖାଇ ନାହାନ୍ତି। ବିନୋବା ଭାବେ କହିଥିଲେ ଭାରତ ଯେପରି ଅଗ୍ରଣୀ ଭୂମିକା ନେଇ ପୃଥିବୀକୁ ଦେଖାଇଦେଲା ଅଂହିସା ଉପାୟରେ ଜାତୀୟ ସ୍ୱାଧୀନତା ହାସଲ କରାଯାଇପାରେ, ସେହିପରି ଦିନେ ଭାରତ ଅଗ୍ରଣୀ ଭୂମିକା ନେଇ ନିରସ୍ତ୍ରୀକରଣ ପାଇଁ ସମଗ୍ର ବିଶ୍ୱକୁ ଆହ୍ୱାନ ଦେବ ଏବଂ ମହାତ୍ମାଗାନ୍ଧୀଙ୍କ ଭାବଧାରାର ଏହା ଏକ ବିରାଟ ନିର୍ଦ୍ଦର୍ଶନ ହେବ।

*ସମ୍ପାଦକ ମାର୍ଗଦର୍ଶୀ*
*ମୋ-୮୮୯୫୫ ୪୭୪୯୦)*

## ଓଲାଶୁଣୀ ପର୍ବତରେ ସାଧୁସେବା ହେବ...

ଓଡ଼ିଶାର ଧାର୍ମିକ, ଆଧାତ୍ମିକ ବିଭବରେ ଯାଜପୁର ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର। ଏହି ଜିଲ୍ଲାରେ ମା'ଦେବୀ ବିରଜା, ଶ୍ରୀବରାହ ଓ ପୁଣ୍ୟ ପାବନ ବୈତରଣୀ, ବିଶ୍ୱ ପ୍ରସିଦ୍ଧ ହୀରକ ତ୍ରିଭୁଜ ରତ୍ନଗିରି-ଉଦୟଗିରି ସହ ପ୍ରସିଦ୍ଧ ଓଲାଶୁଣୀ ପୀଠ ଅନ୍ୟତମ। ଅଷ୍ଟାଦଶ ଶତାବ୍ଦୀର ଜଣେ ଯୁବରାଜ ନିଜ ଆଭିଜାତ୍ୟର ରାଜକୀୟ ଠାଟବାଟକୁ ବର୍ଜାଇ ଦେଇ ତ୍ୟାଗପୂର୍ଣ୍ଣ ଜୀବନ ସହ ସମାଜର ମଙ୍ଗଳ ପାଇଁ ନିଜକୁ ସନ୍ନ୍ୟାସ ସାଧନାରେ ଗୃହତ୍ୟାଗୀ କରିଥିଲେ। ସେହି ମହାନ୍ ସନ୍ଥ ଅରକ୍ଷିତ ଦାସଙ୍କ ଚଳିତ ବର୍ଷ ହେଉଛି ମହାପ୍ରୟାଣ ତିଥି। ଏହି ତିଥିରେ କେବଳ ଓଡ଼ିଶାର ବିଭିନ୍ନ ସ୍ଥାନରୁ ନୁହେଁ ଭାରତର ବିଭିନ୍ନ ରାଜ୍ୟରୁ ଲକ୍ଷ ଲକ୍ଷ ଜନସମାଗମ ହୋଇଥାଏ। ଓଲାଶୁଣୀ ଗୁମ୍ଫାଟି ହେଉଛି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ମୌଜାରେ, ଯେଉଁ ପଲାଇରେ ଏହି ଲେଖକ ଦିନେ ଭୂମିଷ୍ଠ ହୋଇଥିଲା। ମୋ ପିତାମାତା ମୋତେ ପିଲାଦିନରୁ ଧର୍ମାଶ୍ରୀତ ଜୀବନ ଯାପନ ପାଇଁ ମାର୍ଗ ଦେଖାଇଥିଲେ। ସେମାନଙ୍କ ଧାର୍ମିକ ପ୍ରଭାବ ସାରା ଜୀବନ ମୋ ଉପରେ ବିଚ୍ଛୁରିତ ହୋଇ ରହିଛି। ମହାପୁରୁଷ ଅରକ୍ଷିତ ଦାସଙ୍କର ସାଧନାର କୃତୀ ହେଉଛି 'ମହୀମଣ୍ଡଳ ଗୀତା' ଯାହାକି ୧୯୭୦ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା। ଏହି ମହୀମଣ୍ଡଳ ଗୀତାରେ ସେ ବିଭିନ୍ନ ବିଷୟରେ ମାନବ ଜାତି ପାଇଁ ଲେଖନୀ ଚାଳନା କରିଛନ୍ତି। ପଞ୍ଚଭୂତ ମହିମା ଠାରୁ ଆତ୍ମାର ମହିମା, ମହାଶୂନ୍ୟ କଥା, ଭକତି ଯୋଗ, ସପ୍ତାଙ୍ଗ ଯୋଗ, ଦୁଃଖସୁଖ କଥା, ଦଶଅବତାର କଥା, ସହସ୍ରନାମ ମହିମା, ଜୀବ ପରମଭାବ, ବ୍ରହ୍ମର ମହିମା ବନ୍ଦନ ସହ ନିଜ ଜୀବନର ଗୃହତ୍ୟାଗ ବିଷୟ ବର୍ଣ୍ଣନା, ସହ ଓଲାଶୁଣୀ ପ୍ରବେଶକୁ ନେଇ ଏହିପରି ତେଇଶଟି ବିଷୟରେ ଆଲୋକପାତ କରିଛନ୍ତି। ନାମ ବ୍ରହ୍ମ ଓ ଯୁଗବାର୍ତ୍ତାକୁ ନେଇ ସେ ମହୀମଣ୍ଡଳ ଗୀତାରେ ଲେଖିଛନ୍ତି – 'ନାମ ବ୍ରହ୍ମ, ନାମ ବ୍ରହ୍ମ, ନାମ ବ୍ରହ୍ମ ସାର, ଯେ ଭଜନ୍ତି ନର, ପୃଥ୍ୱୀ ନାଶେ କ୍ଷୟ ନୁହନ୍ତି, ଯୁଗେ ଯୁଗେ ସେ ଅମର। ଅକ୍ଷର ଯେ ନାମ ବ୍ରହ୍ମ ନ ଭଜନ୍ତି ମୂଢ଼ ନର, ତେଣୁ ଅନ୍ତେ ନାଶଯାନ୍ତି ଯେ ଭଜନ୍ତି ସେ ଅମର।'

ଓଲାଶୁଣୀ ଦେବୀ ପୂଜିତ ହେଉଥିବା ଓଲାଶୁଣୀ ପାହାଡ଼ରେ ଜନଗହଳି ପରିପୂର୍ଣ୍ଣ ହୋଇଥାଏ ସନ୍ଥ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ଅବସରରେ। ସାଧୁସନ୍ଥ ମାନଙ୍କର ସଙ୍ଗମସ୍ଥଳୀରେ ତାଙ୍କ ରଚିତ ଭଜନ, ଜଣାଣ, ଖଜଣୀ ଓ କୀର୍ତ୍ତନ ସ୍ୱରରେ ଏହି ପୁଣ୍ୟ ତୀର୍ଥଭୂମି ପବିତ୍ରମୟ ହୋଇପଡ଼େ।



ଅଲେଖ ଚନ୍ଦ୍ର ସାମଲ

ଭକ୍ତମାନେ ନିଜ ଘରୁ ଚାଉଳ, ଡାଲି, ପନିପରିବା ନେଇ ମହୋତ୍ସବରେ ସାମିଲ ହୋଇଥାନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରପରି ଏଠାରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଏକ ହୋଇ ପ୍ରସାଦ ସେବନ କରିଥାନ୍ତି। ନିଜେ ସନ୍ଥ ଅରକ୍ଷିତ ଦାସ ସମସ୍ତଙ୍କ ଘରୁ ଖାଦ୍ୟ ସଂଗ୍ରହ କରିଛନ୍ତି ଯାହାକୁ ସେ ନିଜ ଭାଷାରେ ଲେଖିଛନ୍ତି – 'ଚଣ୍ଡାଳୁ ବ୍ରହ୍ମଯାଏ ପୁଣ, ଭକ୍ଷିଲି ସର୍ବ ଘରେ ଜାଣ। ତୁମ୍ଭେ ତ ସର୍ବ ଘଟେ ବସ, ତେଣୁ ମୁଁ ଭୁଞ୍ଜଇ ବିଶ୍ୱାସ।' ପ୍ରତିମାଶୂନ୍ୟ ତାଙ୍କର ସେହି ସାଧନାପୀଠରେ ମୁଖ୍ୟ ଭୋଗ ରୂପେ ପୋଡପିଠା ପୂଜାର୍ଚ୍ଚନା କରାଯାଏ। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଅବାଧରେ ପ୍ରବେଶ କରିଥାନ୍ତି। ମହାନ ସାଧକ ଅରକ୍ଷିତ ଦାସଙ୍କ ମତରେ ଆମିଷ ଓ ନିରାମିଷ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ତେଣୁ ନିଜ ଇଚ୍ଛା ଅନୁସାରେ ଖାଦ୍ୟ ଗ୍ରହଣ କରିବାକୁ ସେ କହିଛନ୍ତି। ତାଙ୍କ ମତରେ ଲୋକଦେଖାଣିଆ ଆଶାପୂର୍ଣ୍ଣ ନିରାମିଷ ଭକ୍ଷଣର ଫଳ କିଛି ନଥାଏ। ତେଣୁ ସେ ତାଙ୍କର ମହୀମଣ୍ଡଳ ଗୀତାରେ ଆମିଷ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି – 'ହେ ମନ କହୁଅଛି ମୁହିଁ, ଶରୀର ଆମିଷ ଅଟଇ। ରଜବୀର୍ଯ୍ୟ ଆମିଷ ଜାଣ, ତହିଁରୁ ସକଳ ଭିଆଣ। ଛପନକୋଟି ଜୀବ ଯେତେ, ଆମିଷରୁ ଜାତ ସମସ୍ତେ।' ସନ୍ଥ ଅରକ୍ଷିତଙ୍କ ମାନବବାଦୀ ଚିନ୍ତାଧାରା, ଧର୍ମ ଓ ଦର୍ଶନ, ମହତବାଣୀ ଆଗାମୀ ପିଢ଼ିକୁ ମଧ୍ୟ ଆଲୋକ ଅନ୍ୱେଷଣ ପାଇଁ ଦିଗ୍‌ଦର୍ଶନ ଦେବାରେ ଯଥେଷ୍ଟ ସକ୍ଷମ ହୋଇପାରିବ। ତାଙ୍କ ରଚିତ ମହୀମଣ୍ଡଳ ଗୀତା, ମନଚଇତନ ଚଉତିଶା, ଭକ୍ତିଟୀକା, ବାଲ୍ୟବୋଧ ଗୀତା, ଶୂନ୍ୟଟୀକା, ଅବଧୂତ ସଂହିତା ଓ ଶତାବ୍ଦି ସଂହିତା ଭାରତୀୟ ଦର୍ଶନ କ୍ଷେତ୍ରକୁ ଉଜ୍ଜିବୀତ କରି ରଖିପାରିବ। ମହାପୁରୁଷ ଅରକ୍ଷିତ ଦାସ ୧୮୩୭ ମସିହା ମାଘ ମାସ କୃଷ୍ଣ ଏକାଦଶୀ ତିଥିରେ ଏହି ଓଲାଶୁଣୀରେ ହିଁ ଦେହ ତ୍ୟାଗ କରିଥିଲେ। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚନାରେ ଅରକ୍ଷିତ ଦାସଙ୍କ ସମ୍ବନ୍ଧରେ କାଳଜୟୀ ଲେଖାଟି ହେଉଛି – 'ଓଲାଶୁଣୀ ପର୍ବତରେ ସାଧୁସେବା ହେବ। ଏକାକ୍ଷର ପରୀକ୍ଷାରେ ଅର୍କ୍ଷିତ କରିବ। କେତେ କେତେ ଭକ୍ତ ଆସି ସେଠାରେ ମିଳିବେ, ଅରକ୍ଷିତ ଠାରୁ କେହି ଉବୁରି ନଯିବେ।' ସନ୍ଥ ଅରକ୍ଷିତ ଦାସଙ୍କ ଦର୍ଶନ ହେଉଛି 'ନାମ ପ୍ରଧାନ' ଦର୍ଶନ। ତାଙ୍କ ଲେଖନୀରେ ପଞ୍ଚଶଖା ଧର୍ମର ଶୂନ୍ୟବାଦର ବହୁ ବର୍ଣ୍ଣନା ପରିଦୃଷ୍ଟ ହୋଇଛି। ତାଙ୍କ ମହୀମଣ୍ଡଳ ଗୀତା ଆମ ସାମ୍ପ୍ରତିକ ଜୀବନ ପାଇଁ ଜୀବନ ଚେତନାର ଏକ କାଳଜୟୀ କୃତୀ। ଓଡ଼ିଆ ଜନଜୀବନରେ ମହୀମଣ୍ଡଳ ଗୀତାକୁ ଭାଗବତ ପରି ଆଧାତ୍ମିକ ଭାବପୂର୍ଣ୍ଣ ମହାକାବ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ।

*ଓଏଫ୍‌ଏସ୍-୧ (ଏସ.ବି., ପୂର୍ବତନ*
*ଡିଏଫଓ (କେନ୍ଦୁଲିଫ) ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୭୧୨୩*

## ଖାଦ୍ୟ ଅପଚୟ ରୋକ

ୱାର୍ଲ୍ଡ ଫୁଡ ପ୍ରୋଗ୍ରାମ (ଡବ୍ଲୁଏଫପି) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ବିଶ୍ୱରେ ଭୋକିଲାଙ୍କ ସମ୍ପର୍କରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଯେତିକି ଉଦବେଗଜନକ ସେତିକି ଚିନ୍ତାଜନକ ମଧ୍ୟ। ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ଆବଶ୍ୟକ ପରିମାଣର ଖାଦ୍ୟ ଉତ୍ପାଦନ ହେଉଥିଲେ ମଧ୍ୟ ଅନେକ ଦେଶ ଖାଦ୍ୟ ସଂକଟ ଦେଇ ଗତି କରୁଛନ୍ତି। ଏହା ପଛରେ ମୁଖ୍ୟ କାରଣ ହେଉଛି ଖାଦ୍ୟ ଅପଚୟ ବା ନଷ୍ଟ। ସେହିପରି ଖାଦ୍ୟ ନଷ୍ଟ କରିବା ଦ୍ୱାରା ବିଶ୍ୱରେ ଖାଦ୍ୟ ସଂକଟର ମାତ୍ର ବୃଦ୍ଧି ପାଇବାରେ ଲାଗିଛି। ଫୁଡ ଆଣ୍ଡ ଏଗ୍ରିକଲଚର ଅର୍ଗାନାଇଜେସନ (ଏଫଏଓ) କହିଛି ଯେ, ୨୦୧୯ରେ ଖାଦ୍ୟାଭାବ କାରଣରୁ ବିଶ୍ୱର ୬୯୦ ନିୟୁତ ଲୋକ ଭୋକିଲା ରହିଥିଲେ। ୨ ବିଲିୟନ ଲୋକକଙ୍କ ପାଖରେ ଖାଦ୍ୟ ଗ୍ରହଣର କରିବାର ସୁଯୋଗ ଥିଲେ ମଧ୍ୟ ସେମାନେ ଭୋଗ ୂପାସରେ କାଳାତିପାତ କରୁଛନ୍ତି। ନିକଟରେ ଗତିସଂଘ ପର୍ଯ୍ୟାବରଣ କାର୍ଯ୍ୟକ୍ରମ(ୟୁଏନିପି) ପକ୍ଷରୁ ପ୍ରକାଶିତ ରିପୋର୍ଟ କୁହାଯାଇଛି ଯେ, ବିଶ୍ୱର ଜନସଂଖ୍ୟା ୮୦୦ କୋଟିକୁ ଅତିକ୍ରମ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୮୩ କୋଟି ଲୋକ ଭୋକ ଉପାସରେ ରହୁଛନ୍ତି। ଯଦି ଖାଦ୍ୟ ନଷ୍ଟକୁ ରୋକିଦିଆଯାଇପାରିବ, ତେବେ ଭୋଗରେ ରହୁଥିବା ଲୋକଙ୍କୁ ପେଟ ପୁରା ଖାଦ୍ୟ ଯୋଗଇ ଦେବା ସମ୍ଭବ ହୋଇପାରିବ। ତେବେ ଚିନ୍ତାର କାରଣ ଏହା ଯେ, ବିଶ୍ୱର ଦୁଇ ଜନବହୁଳ ରାଷ୍ଟ୍ର ଚୀନ ଓ ଭାରତରେ ଖାଦ୍ୟ ନଷ୍ଟ ସର୍ବାଧିକ ଖାଦ୍ୟ ନଷ୍ଟ ବା ଅପଚୟରେ ଚୀନ ପ୍ରଥମ ସ୍ଥାନାରେ ରହିଥିବାବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ରିପୋର୍ଟ ଅନୁସାରେ ଭାରତରେ ଗୋଟିଏ ବର୍ଷରେ ପ୍ରାୟ ୬.୮୭ କୋଟି ଟନ ଖାଦ୍ୟ ନଷ୍ଟ ହୋଇଥାଏ। ଅନ୍ୟ ପକ୍ଷରେ ଦେଶରେ ପ୍ରତ୍ୟେକ ଦିନ ୧୯କୋଟି ଲୋକ ଭୋକ ଉପାସରେ ଦିନ ବିତାଉଥିବା କୁହାଯାଇଛିବ ଅର୍ଥାତ୍ ଖାଦ୍ୟ ଉତ୍ପାଦନର ୪୦ ପ୍ରତିଶତ ଅଂଶ ନଷ୍ଟ ହେଉଛି। ଯାହାର ମୂଲ୍ୟ ୯୨ ହଜାର କୋଟି ବୋଲି କୁହାଯାଇଛି। ସେହିପରି ଚୀନରେ ବାର୍ଷିକ ୯.୬ କୋଟି ଟନ ଖାଦ୍ୟ ନଷ୍ଟ ହେଉଥିବାବେଳେ ଆମେରିକା ୧.୯୩ କୋଟି ଟନ ଖାଦ୍ୟ ଶସ୍ୟ ନଷ୍ଟ ହେଉଥିବା ରିପୋର୍ଟରେ କୁହାଯାଇଛି। ଆମେ ଏସବୁ ଏଠାରେ ଅବତାରଣା କରିଛୁ ଏଇଥିପାଇଁ ଯେ, ୨୦୨୨ ପାଇଁ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କରେ ୧୨୧ଟି ଦେଶ ମଧ୍ୟରୁ ତାଲିକାରେ ଭାରତ ୧୦୭ ନମ୍ବର ସ୍ଥାନରେ ରହିଛି। ଏଥିରୁ ଦେଶରେ ଦାରିଦ୍ର୍ୟ ବା ଭୋକିଲା ସ୍ଥିତି କେତେ ଉଦବେଗଜନକ ସ୍ଥିତିରେ ରହିଛି, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ୨୦୨୧ରେ କ୍ଷୁଧା ସୂଚକାଙ୍କର ଭାରତ ୧୦୧ ନମ୍ବର ସ୍ଥାନାରେ ରହିଥିବାବେଳେ ୨୦୨୨ରେ ଛଅଟି ସ୍ଥାନ ତଳକୁ ଖସିଛି। ଅର୍ଥାତ ଦେଶରେ ଦାରିଦ୍ର୍ୟ ବଢିବାରେ ଲାଗିଛି ବୋଲି ନିସନ୍ଦେହରେ କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଦେଶରୁ ଦାରିଦ୍ର୍ୟ ଦୂରିକରଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ଦେଶ ସ୍ୱାଧୀନତା ପରଠାରୁ କାର୍ଯ୍ୟକାରୀ କରିଛନ୍ତି। ମାତ୍ର ଏହାର ସୁଫଳ ଯେ, ଲୋକଙ୍କ ନିକଟରେ ପହଁଚିପାରିନାହିଁ, ଏହା ସ୍ୱୀକାର କରିବାକୁ ହେବ। ଆମ ଦେଶରେଯେକୌଣସି ଯୋଜନାର ମାତ୍ର ୧୫ ପ୍ରତିଶତ ଲୋକଙ୍କ ନିକଟରେ ପହଁଚିଥିବାବେଳେ ୮୫ପ୍ରତିଶତ ବାଟମାରଣା ହେଉଥିବା ନେି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ପାର୍ଲିଆମେଂଟରେ ଯେଉଁ ବୀବୃତି ଦେଇଥିଲେ, ତାହା ଅକ୍ଷରେ ଅକ୍ଷରେ ସତ୍ୟ, ବୋଧ ହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ। ଅନ୍ୟ ପକ୍ଷରେ ଉଭୟ କେନ୍ଦ୍ର ଓ ରାଜ୍ୟସରକାର ଦାରିଦ୍ର୍ୟ ହଟାଇଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ଦେଶରେ ଭୋକିଲାଙ୍କ ସଂଖ୍ୟା ଯେ, ବଢିବାରେ ଲାଗିଛି, ଏହା ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ଖାଦ୍ୟାଭାବ ଯୋଗୁଁ ଦେଶର ୩୩ଲକ୍ଷ ଶିଶୁ କୁପୋଷଣର ଶିକାର। ସୂଚନା ଅଧିକାର ଆଇନ କାଳରେ ସରକାରଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ଦେଶରେ ମୋଟ ୩୩ଲକ୍ଷ ଶିଶୁ ପୁଷ୍ଟିହୀନ ଅଛନ୍ତି। ଯାହାଙ୍କ ମଧ୍ୟରୁ ୧୭ଲକ୍ଷ ୭୬ ହଜାର ଅତିଶୟ ପୁଷ୍ଟିହୀନତାର ଶିକାର ହୋଇଥିବାବେଳେ ୧୫ଲକ୍ଷ ୪୬ ହଜାର ଶିଶୁ ମଧ୍ୟମ ଧରଣର କୁପୋଷଣରେ ଅଛନ୍ତି। କେବଳ ଶିଶୁଙ୍କ କୁପୋଷଣ ନୁହେଁ, ପେଟକୁ ଦୁଇ ଓଳି ଦୁଇ ମୁଠା ଖାଇବାକୁ ନପାଇ ଦେଶରେ କୋଟି କୋଟି ଲୋକ କେବଳ ଅନ୍ତ ସାରୀ ଶୂନ୍ୟ ହୋଇପଡିଥିବା ବେଳେ ବହୁ ମାରାତ୍ମକ ରୋଗରେ ପିଡିତ। ଦେଶରେ ବାଟମାରଣା ଯୋଗୁଁ ଦାରିଦ୍ର୍ୟ ଦୂରିକରଣ ଏବଂ ସରକାରଙ୍କର ବିଭିନ୍ନ ବିକାଶମୂଳକ ଯୋଜନା ଯେ, ବିଫଳ ହୋଇଛି ଏହା ସ୍ୱୀକାର କରିବାକୁ ହେବ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଖାଦ୍ୟ ଅପଚୟକୁ ରୋକିବା। ଏ ନେଇ ସରକାର କଠୋର ପଦକ୍ଷେପ ନେବେ ବୋଲି ଆମେ ଆଶାବାଦୀ। ଖାଦ୍ୟ ଅପଚୟ ରୋକାଯାଇପାରିବେ କୁପୋଷଣର ଅନ୍ତ ଘଟିବ, ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ*
*ନଗର, ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

## ଶ୍ରୀ ମନ୍ଦିରରେ ମହାପ୍ରଭୁଙ୍କ ନବାଙ୍କ ବେଶ ଓ ମକର ତାଡ଼ ବିଜେ

ମକର ସଂକ୍ରାନ୍ତି ପୂର୍ବଦିନ ମହାପ୍ରଭୁଙ୍କ ନବାଙ୍କ ବେଶ ସହ ଚାଉଳ ମେଲାଣ ଓ ଫୁଲ ମେଲାଣ ଉତ୍ସବ ସମ୍ପନ୍ନ ହୋଇଥାଏ। ଖୁଣ୍ଟିଆ ଓ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ସନ୍ଧ୍ୟା ଆଳତୀ ବେଶରେ ମାଳଚୁଳମାନ ଲାଗିକରିଥାନ୍ତି। ବଡ଼ସିଂହାର ବେଶରେ ସୋଲ ଓ ଜରି, କଇଁଥ ଅଠାରେ ପ୍ରସ୍ତୁତ ଶଙ୍ଖ, ଚକ୍ର, ହଳ, ମୂଷଳ, କୁଣ୍ଡଳ, ତଡ଼ଗୀ ଇତ୍ୟାଦି ତିନି ଠାକୁରଙ୍କୁ ଲାଗି କରାଯାଇଥାଏ। ଏହି ବେଶରେ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଯଥାକ୍ରମେ ସୋଲ ନିର୍ମିତ ମକର କୁଣ୍ଡଳ, ଶଙ୍ଖ, ଚକ୍ର, ହଳ, ମୂଷଳ ଇତ୍ୟାଦି ଧାରଣ କରିଥାନ୍ତି। ଏହା ନବାଙ୍କ ବେଶ ରୂପେ ପରିଚିତ। ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ଶ୍ରୀଚୈତନ୍ୟ ଦେବ। ସନ୍ଧ୍ୟା ଆଳତି, ଧୂପ ଓ ଚନ୍ଦନଲାଗି ସରିବା ପରେ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ବନ୍ଧାଯାଏ। ପର୍ବଯାତ୍ରା ଯୋଗାଣିଆ ସେବକ ତିନିଟି ବାଉଁଶିଆରେ ଚାଉଳ ପୁରାଇ କୋଠ ସୁଆଁସିଆ ଦେଇଥିବା ଭଦ୍ରାସନ ଉପରେ ପୂଜାପଣ୍ଡା ମୁରୁଜ ପକାଇବା ପରେ ତାହା ଉପରେ ଚାଉଳ ବାଉଁଶିଆ ରଖି ଚେମେଡ଼ି, ପଟନୀ, ପୁଷ୍ପ ଚନ୍ଦନ ଦେଇ ଅଧିବାସ ହୋଇଥାଏ। ଭୋଗମଣ୍ଡପ ଗୃହକୁ ତଡ଼ାଉ ସେବକ ମୁଦ ଦେଇଥାନ୍ତି। ବଡ଼ସିଂହାର ବେଶରେ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଥାଏ। ଚିତା, ଗୁଣା, କରପଲ୍ଲବ, ଅଧରମାଳା ଓ ଶ୍ରୀପୟର ମାଳା ଗେଣ୍ଡୁଫୁଲରେ ନିର୍ମିତ ହୋଇଥାଏ। ଗେଣ୍ଡୁ ଓ ଗୋଲାପ ଫୁଲର ସମ୍ମିଶ୍ରଣରେ ହୃଦ ପଦକ ତିଆରି ହୋଇଥାଏ। ବଡ଼ସିଂହାର ଭୋଗ ପରେ ମଦନମୋହନ ଦକ୍ଷିଣଘରୁ ବିଜେ ହୋଇ ରତ୍ନସିଂହାସନକୁ ଆସିଥାଏ। ପାଳିଆ ପୂଜାପଣ୍ଡା ସାମନ୍ତ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନଙ୍କୁ ପ୍ରଦାନ କରନ୍ତି। ରତ୍ନସିଂହାସନକୁ ସାଢ଼େ ଚାରିଥର ପ୍ରଦକ୍ଷିଣ କରି ବଟମୂଳସ୍ଥିତ ପାଲିଙ୍କିରେ ବିଜେ କରନ୍ତି। ପରେ ଶ୍ରୀମନ୍ଦିର ଚାରିପଟେ ସାଢ଼େ ଚାରିଥର ପ୍ରଦକ୍ଷିଣ କରନ୍ତି। ମଦନମୋହନଙ୍କୁ ମହାଜନ ସେବାୟତ ହାତରେ ବିଜେ କରାଇ ଜୟବିଜୟ ଦ୍ୱାରା ଲଣ୍ଡାବର୍ତ୍ତ ଉପରେ ଥିବାବେଳେ ପ୍ରସାଦ ଲାଗି, ବନ୍ଦାପନା ହୁଏ। ମଦନମୋହନ ଦକ୍ଷିଣଘରକୁ ବାହୁଡ଼ା ବିଜେ କରନ୍ତି। ଏକମାସ ବାପଘରେ ବିତାଇ ଶ୍ରୀମନ୍ଦିରକୁ ଫେରିଛନ୍ତି ଲକ୍ଷ୍ମୀ ଠାକୁରାଣୀ। ମକର ସଂକ୍ରାନ୍ତି ପୂର୍ବ ଦିନ ମନ୍ଦିରକୁ ମକର ତାଡ଼ ବିଜେ କରିଥାଏ। ପବିତ୍ର ମକର ସଂକ୍ରାନ୍ତିରେ ମହାପ୍ରଭୁଙ୍କ ପାଖରେ ମକର ଚାଉଳ ଓ ମକର ଚଉରାଶି ଭୋଗ ଲାଗି ହୋଇଥାଏ। ଏହି ମକର ତାଡ଼ରେ ହିଁ ମକର ଚାଉଳ ଭୋଗ କରାଯାଏ। ପ୍ରଥମେ ଶ୍ରୀବିଗ୍ରହଙ୍କ ଦ୍ୱିପ୍ରହର ଧୂପ ବଢ଼ିଲା ପରେ ଶ୍ରୀମନ୍ଦିରକୁ ଘଣ୍ଟ, ଓଳାର (ଛତା), କାହାଳୀ ଅଠରନଳାସ୍ଥିତ ଆଲାମଚଣ୍ଡୀ ମନ୍ଦିରକୁ ବିଜେ କରିଥାନ୍ତି। ସେଠାରେ କୁମ୍ଭକାର ସେବକମାନେ ମା'ଙ୍କ ନିକଟରେ ଚାରିଟି ନୂଆ ତାଡ଼ ରଖିଥାନ୍ତି। ମା'ଙ୍କ ନିକଟରେ ବିଶେଷ ପୂଜା ସହ ବନ୍ଦାପନା ଅନୁଷ୍ଠିତ ହୋଇଥାଏ। ପରେ ଚାରିଜଣ କୁମ୍ଭାର ବିଶୋୟୀ ସେବକ ମୁହଁରେ ବାଘମୁଖା ବାନ୍ଧି ମା'ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ଘଣ୍ଟ, ଓଳାର, କାହାଳୀ ସହିତ ପାଞ୍ଚଟି ମକର ତାଡ଼ ଶ୍ରୀମନ୍ଦିରକୁ ବିଜେ କରାନ୍ତି। ମକର ତାଡ଼ ଶ୍ରୀମନ୍ଦିର ଭିତର ବେଢ଼ାରେ ଗୋଟିଏ ଥର ବୁଲାଇ ଅଟିନ୍ତା ପହଣ୍ଡି ରୋଷ ବେହେରଣଠାରେ ରଖାଯାଏ। ମକର ସଂକ୍ରାନ୍ତିରେ ଉକ୍ତ ତାଡ଼ରେ ଶ୍ରୀବିଗ୍ରହମାନଙ୍କୁ ମକର ଚାଉଳ ଭୋଗ ମଣୋହୀ କରାଯାଏ। ମକରସଂକ୍ରାନ୍ତି ପୂର୍ବଦିନ ମାସାନ୍ତ ଅବସରରେ ନୀଳଚକ୍ର ଅଳାବେଢ଼ାରେ ଚୂନରା ସେବକମାନେ ଚୂନ ଦିଅନ୍ତି। ଚୂନରା ସେବାୟତମାନେ ନୀଳଚକ୍ର ଉପରକୁ ଯାଇ ଅଁଳାବେଢ଼ାରେ ରାମାନନ୍ଦୀ ଚିତାରେ ଗେରୁ ଲେପ ପ୍ରଦାନ କରନ୍ତି।



ବିପିନ ବିହାରୀ ରାଉତ

*ଶ୍ରୀବିହାର କଲୋନୀ, କଟକ,*
*ଦୂରଭାଷ : ୯୪୩୭୬୬୬୪୫୩*

## ମାନବ କୈନ୍ଦ୍ରିକ ଜଗତୀକରଣ ଜରୁରୀ

ଗ୍ଲୋବାଲ ସାଉଥ ମେଧାବୃତ୍ତି ଆରମ୍ଭ କରିବ ଭାରତ : ସମଗ୍ର ବିଶ୍ୱରେ ଶିକ୍ଷା କ୍ଷେତ୍ରରେ ଭାରତ ଏକ ଆଦର୍ଶଣୀୟ ରାଷ୍ଟ୍ର ଭାବେ ଆଜି ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଛି। ଗତ ତିନି ବର୍ଷ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ପାଇଁ ବେଶ ଆହ୍ୱାନପୂର୍ଣ୍ଣ ଥିଲା। କିନ୍ତୁ ନୂଆବର୍ଷ ନୂଆ ଆଶା ନେଇ ଆସିଛି। ଆମେ ସଭିଏଁ ଗ୍ଲୋବାଲଇଜେଶନକୁ ସମର୍ଥନ କରୁ। ଭାରତ ସର୍ବଦା ବିଶ୍ୱକୁ ଏକ ପରିବାର ରୂପରେ ଦେଖିଥାଏ। ଆମେ ଏପରି ଏକ ଜଗତୀକରଣ ଚାହୁଁ ଯେଉଁଠି ଜଳବାୟୁ କିମ୍ବା ଋଣ ସଙ୍କଟ ସୃଷ୍ଟି ହେଉ ନଥିବ, ଯାହା ମାନବକୈନ୍ଦ୍ରିକ ହୋଇଥିବ। ଯେଉଁଠି ଟିକାକରଣରେ ଅସମାନତା ନଥିବ ଏବଂ ଯେଉଁଠି ମାନବିକତା ଏବଂ ସମୃଦ୍ଧିର ସ୍ଥାନ ଥିବ ବୋଲି ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ସୂଚନାଥାଉକି ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ୧୨୦ରୁ ଅଧିକ ବିକାଶଶୀଳ ଦେଶ ଭାଗ ନେଇଛନ୍ତି। ଏହା ଗ୍ଲୋବାଲ ସାଉଥର ସବୁଠାରୁ ବଡ଼ ଧରଣର ଭର୍ଚୁଆଲ ସମିଟ। ପ୍ରଧାନମନ୍ତ୍ରୀ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦ ସମେତ ଅନ୍ତର୍ଜାତୀୟ ସଙ୍ଗଠନ ଗୁଡ଼ିକରେ ତତ୍କାଳ ଏକ ମୌଳିକ ସୁଧାରର ଆବଶ୍ୟକତା ରହିଛି। ଭାରତ ଏକ ଗ୍ଲୋବାଲ ସାଉଥ ସେଣ୍ଟର ଅଫ ଏକ୍ସିଲେନ୍ସ ସ୍ଥାପନ କରିବ। ନୂଆ ପ୍ରୋଜେକ୍ଟ ଆରୋଗ୍ୟ ମୈତ୍ରୀ ବାବଦରେ ମୋଦି ପ୍ରକାଶ କରିଥିଲେ। ଏହାଦ୍ୱାରା ଭାରତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶ ଗୁଡ଼ିକୁ ମେଡ଼ିକାଲ ସୁବିଧା ଉପଲବ୍ଧ କରାଇପାରିବ ବୋଲି ସେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଯୁଦ୍ଧ, ଆତଙ୍କବାଦ ସମେତ ବିଭିନ୍ନ ବୈଶ୍ୱିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ବିଶ୍ୱ ସଙ୍କଟରେ ପଡ଼ିଛି। ଆଉ କେତେ ଦିନ ଏହି ଅସ୍ଥିରତା ଜାରି ରହିବ ତାହା କହିବା କଷ୍ଟକର ବୋଲି କହିଥିଲେ। ଏଥିସହ ଇନ୍ଧନ ସଙ୍କଟ, ଖାଦ୍ୟାଭାବ, ମୁଦ୍ରାସ୍ଫୀତି, କରୋନା ମହାମାରୀ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଆଦି ଉପରେ ଚିନ୍ତା ବ୍ୟକ୍ତ କରିଥିଲେ। ଭଏସ ଅଫ ଗ୍ଲୋବାଲ ସାଉଥ ସମିଟରେ ବାର୍ବାଡ଼ାସ, କୋଷ୍ଟାରିକା, କମନଓ୍ୱେଲଥ ଦେଶ ବାହାମାସ, କ୍ୟୁବା, ଗାମ୍ବିଆ, ହଣ୍ଡୁରାସ, ଲାଓ ପିପୁଲସ ଡେମୋକ୍ରାଟିକ ରିପବ୍ଲିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ. ସେଣ୍ଟ ଭିନସେଣ୍ଟ ଏବଂ ଦି ଗ୍ରେନାଡାଇନସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ।

ଭାରତର ଶିକ୍ଷା ବ୍ୟବସ୍ଥା ପ୍ରଶଂସନୀୟ କାରଣ କେନ୍ଦ୍ରଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱ ନେବା ପରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଆହୁରି ବାସ୍ତବାଭିମୁଖୀ ଓ ଶିକ୍ଷାଭିମୁଖୀ କରିପାରିଛନ୍ତି। ଗାମ୍ବିଆର ଶିକ୍ଷା ମନ୍ତ୍ରୀ ପ୍ରଫେସର ପାଏରୀ ଗୋମେଜ ଶିକ୍ଷା ପ୍ରଯୁକ୍ତିବିଦ୍ୟା ଓ ଦକ୍ଷତା ବିକାଶ ଦିଗରେ ଭାରତୀୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। କ୍ଷେମ ବର୍ଗରେ ଭାରତ ସହ ଭାଗିଦାରୀ ହେବା ପାଇଁ ସେ ଇଚ୍ଛା ପ୍ରକାଶ କରିବା ସହ ବୈଷୟିକ, ଧନ୍ଦାମୂଳକ, ଶିକ୍ଷା ପ୍ରଶିକ୍ଷଣକୁ ତାଙ୍କ ଦେଶ ଗୁରୁତ୍ୱ ଦେଇ ଏହାକୁ ବିକଶିତ କରିବା ପାଇଁ ସେ ଭାରତର ସହଯୋଗ ଲୋଡ଼ିଥିଲେ। ନ୍ୟାସନାଲ ଏଜୁକେସନାଲ ହବ ଏବଂ ନ୍ୟାସନାଲ ଟେକ୍ନୋଲୋଜି ପାର୍କ ସ୍ଥାପନ କରିବା ପାଇଁ ସେ ଭାରତ ଠାରୁ ସହଯୋଗ ଆଶା କରିଥିଲେ। ବିକାଶ ଏଜେଣ୍ଡା ପୂରଣ ପାଇଁ ଭାରତର ସହଯୋଗ ଲୋଡ଼ା। ସ୍ଥାୟୀ ବିକାଶ ଏଜେଣ୍ଡାକୁ ପୂରଣ କରିବା ପାଇଁ ଭାରତର ସହଯୋଗ ଲୋଡ଼ା ବୋଲି ସୋଲୋମାନ ଆଇଲ୍ୟାଣ୍ଡର ଶିକ୍ଷାମନ୍ତ୍ରୀ ଲେନଲୀ ତାନଗାଣ୍ଡା କହିଛନ୍ତି। ଭାରତର ଷ୍ଟଡି ଏବଂ ଟ୍ରେନିଂ ବ୍ୟବସ୍ଥା ଏକ ସଫଳ ମଡ଼େଲ ବୋଲି ସେ ପ୍ରକାଶ କରିଥିଲେ।

ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି।



ବାଦଲ ଭୂୟାଁ

ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା । ଉରୁଗୁଏ ଶିକ୍ଷାମନ୍ତ୍ରୀ ପାବଲୋ ଦା ସିଲଭେରା କହିଛନ୍ତି ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା। ନିଜ ଦେଶର ସମାଜ ଏବଂ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାକୁ ନିରନ୍ତର ବିକଶିତ କରିବା। ପରାଧୀନ ମାନସିକତା ବଦଳାଇବା। ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା। ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା। ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଗୁଣାତ୍ମକ, ସୁଲଭ ଏବଂ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡ଼ିତ ଏବଂ ୨୦୩୦ ସାମଗ୍ରିକ ବିକାଶ ସହ ସମ୍ମେଳିତ। ଏହା ଆମ ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବେ ବିକଶିତ କରିବ, ଯାହା ଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ।

ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଛି । ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଭାବେ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଦିବ୍ୟାଙ୍ଗ ଶିଶୁଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବା ସହ ଶିକ୍ଷକଙ୍କ ଦକ୍ଷତା ବିକାଶ ଏବଂ ଟ୍ରେନିଂ ଉପରେ ମଧ୍ୟ ପଦକ୍ଷେପ ନିଆଯାଇଛି। ସ୍କୁଲ ଯାଉଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ଉନ୍ନତ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ପାଠ୍ୟକ୍ରମକୁ ପୁନଃ ଡିଜାଇନ କରାଯାଇ ଏହାକୁ ଛାତ୍ରଛାତ୍ରୀ କେନ୍ଦ୍ରୀୟ କରିବା ସହ ମାତୃଭାଷାରେ ଶିକ୍ଷା ଆହରଣ ଓ ଶିକ୍ଷାଦାନକୁ ବିଶେଷ ମହତ୍ତ୍ୱ ଦିଆଯାଇଛି। ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସଂସ୍କାର ଅଣାଯାଇଛି। ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଲ୍ଟି ଏଣ୍ଟ୍ରି ଏକଜିଟ ସହ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁନିଶ୍ଚିତ କରାଯାଇଛି। ସ୍କୁଲ, ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷାର ଏକୀକରଣ କରିବା ପାଇଁ ଟେକ୍ନୋଲୋଜି ଭିତ୍ତିଭୂମି ଯଥା ନ୍ୟାସନାଲ ଲେବଲ ଷ୍ଟୁଡେଣ୍ଟ ରେଜିଷ୍ଟ୍ରି, ଏକାଡ଼େମିକ ବ୍ୟାଙ୍କ ଅଫ କ୍ରେଡିଟ ଆଣ୍ଡ ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଇ-ବିଦ୍ୟା ପାଇଁ ୨୬୦ ଟିଭି ଚ୍ୟାନେଲ। ସ୍କିଲ ଲ୍ୟାବ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୋଗୀକରଣ କରାଯାଇ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଯୋଡ଼ାଯାଉଛି। ନିଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କୁ ଶିଳ୍ପ କ୍ଷେତ୍ରରେ ଇଣ୍ଟର୍ଣ୍ଣସିପ ଏବଂ ଆପ୍ରେଣ୍ଟିସିପ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ପ୍ରାଧାନ୍ୟ ଦିଆଯାଇଛି। ପିଏମ ଇବିଦ୍ୟା ପଦକ୍ଷେପ ସ୍ୱରୂପ ଦୀକ୍ଷା, ଇ-ପାଠଶାଳା, ସ୍ୱୟଂ ପ୍ରଭା ଟିଭି ଏବଂ ୨୬୦ରୁ ଅଧିକ ଟିଭି ଚ୍ୟାନେଲର ବ୍ୟବସ୍ଥା କରାଯାଇଛି।

ଶିକ୍ଷାର ଅନ୍ତର୍ଜାତୀୟକରଣକୁ ଗୁରୁତ୍ୱ : ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ। ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ। ଭାରତରେ ଥିବା ଶିକ୍ଷାନୁଷ୍ଠାନ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ସହ ମିଶି ଛାତ୍ରଛାତ୍ରୀଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆଇଆଇଟି ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦେଶରେ ନିଜ କ୍ୟାମ୍ପସ ଆରମ୍ଭ କରିବା ପାଇଁ ଯାଉଛନ୍ତି। ଏହାବ୍ୟତୀତ ଭାରତରେ ବୈଦେଶିକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇଛି।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି*
*ପ୍ରତାପ ଆପାର୍ଟମେଣ୍ଟ,*
*୭ ଏକ୍ସଟେନସନ ରୋଡ଼,*
*ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨ /*
*୯୨୦୪୬୫୨୦୬୫*




# ଛାତ୍ରଙ୍କ ଜଳସମାଧି !!



ଏକ ଅଭାବନୀୟ ଘଟଣାକ୍ରମରେ କଟକ ସହରର ତିନିଜଣ ପିଲାଙ୍କର ମୂଲ୍ୟବାନ ଜୀବନ ନିର୍ବାପିତ ହୋଇଯାଇଛି। ସାଙ୍ଗ ହୋଇ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ ଆଉ ତୀବ୍ର ଗଣ୍ଡ ଭିତରେ ପଶିଯାଇ ନିଜକୁ ମୁକୁଳାଇ ପାରିଲେ ନାହିଁ। ଏହିଠାରେ ଗୋଟିଏ ବଡ଼ ପ୍ରଶ୍ନ ଉଠୁଛି ଓଡ଼ିଶା ସରକାର ଯୁବ ବର୍ଗଙ୍କ ପାଇଁ ଅନେକ କିଛି କରୁଛନ୍ତି ବୋଲି ଘୋଷଣା କରୁଛନ୍ତି ଏବଂ ନିଜ ଢ଼ୋଲ ନିଜେ ବି ବାଡ଼ଉଛନ୍ତି। ରକ୍ତଦାନ କାର୍ଯ୍ୟକ୍ରମ ହେଉ ବା ପ୍ରାକୃତିକ ବିପର୍ଯ୍ୟୟ ହେଉ, ଯୁବ ବର୍ଗଙ୍କ ସେବା ନିଶ୍ଚିତ ଗ୍ରହଣୀୟ ଏହାକୁ କେହି ମନେ କରୁନି କିନ୍ତୁ ବଡ଼କଥା ହେଉଛି ପିଲାମାନେ ଯେପରି ରକ୍ତଦାନ କରୁଛନ୍ତି, ବୃକ୍ଷରୋପଣ କରୁଛନ୍ତି ସେହିପରି ସେମାନଙ୍କୁ ପହଁରିବା ଶିକ୍ଷା ବିଧିବଦ୍ଧ ଭାବେ କ'ଣ ପାଇଁ ଦିଆଯାଇପାରୁନାହିଁ। କଟକର ଜୀବନ ରେଖା କୁହାଯାଉଥିବା ମହାନଦୀ ଓ କାଠଯୋଡ଼ି ନଦୀରେ ପ୍ରତିଦିନ କେଉଁଠି ନା କେଉଁଠି ଅଘଟଣ ଘଟୁଛି। ପାଣିରେ ବୁଡ଼ି କାହାର ଜୀବନ ଯାଉଥିଲା ବେଳେ ଆଉ କିଏ ଅଳ୍ପକେ ବର୍ତ୍ତି ଯାଉଛନ୍ତି। ସାମାନ୍ୟ ଅସାବଧାନତା ଲୋକଙ୍କୁ ମରଣ ମୁହଁକୁ ଟାଣି ନେଉଛି। ଯଦିଓ ଦୁଇ ନଦୀର ନିର୍ଦ୍ଦିଷ୍ଟ କେତେକ ସ୍ଥାନକୁ ବିପଦ ସଙ୍କୁଳ ଘୋଷଣା ସହ ସେଠାରେ ସତର୍କ ସୂଚନାଫଳକ ଲଗାଯାଇଛି। ମାତ୍ର ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ନଷ୍ଟ ହୋଇଗଲାଣି। ପ୍ରଶାସନର ଏପରି ଅବହେଳା ଓ ଲୋକଙ୍କ ଅସାବଧାନତାରୁ ନଦୀ ବୁଡ଼ି ଜନିତ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଗଲା ନଅ ବର୍ଷରେ ପ୍ରାୟ ୩୦ରୁ ଅଧିକ ଜଣଙ୍କ ମୃତ୍ୟୁ ଘଟିଛି। କିନ୍ତୁ ସବୁ ଦୋଷ କେବଳ ମହାନଦୀ ମୁଣ୍ଡାଉଛି। ଏମିତିକି ନିଜ ଭୁଲ ସ୍ୱୀକାର କରିବା ପରିବର୍ତ୍ତେ ଲୋକଙ୍କ ଜୀବନରେଖା ପାଲଟି ଥିବା ମହାନଦୀ ଅଭିଶପ୍ତ କହିବା ଆରମ୍ଭ କଲେଣି।

ସର୍ବାଧିକ ଅଘଟଣ ମହାନଦୀର ନରାଜ ଠାରୁ ଯୋବ୍ରା ଆନିକଟ ମଧ୍ୟରେ ଘଟୁଛି। ଯୋବ୍ରା ବ୍ୟାରେଜରେ ଗାଧୋଇବାକୁ ଯାଇ ୨୦୧୩ ମେ ୧୨ରେ ଦୁଇ ଜଣ ଯୁକ୍ତ ଦୁଇ ଓ ୨୩ରେ ବୋଷର ଦୁଇଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି ୨୦୧୫ ଏପ୍ରିଲ ୧୩ରେ ରେଭେନ୍ସାର ଚାରି ଜଣ ଛାତ୍ର, ୨୦୧୯ରେ ଏପ୍ରିଲ ୬ରେ ରାଣିହାଟ ଶଗଡ଼ିଆ ସାହିର ଜଣେ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି ଗଡ଼ଗଡ଼ିଆ ଘାଟରେ ୨୦୧୩ ଅକ୍ଟୋବର ୩୧ରେ ପୋଲିସ ହାଇସ୍କୁଲ ଓ ପ୍ୟାରୀମୋହନ ଏକାଡ଼େମୀର ୩ ଛାତ୍ର, ୨୦୧୭ ଅଗଷ୍ଟ ୩୦ରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଫ୍ୟାସନ ଟେକ୍ନୋଲୋଜିର ୩ ଅଣ ଓଡ଼ିଆ ଛାତ୍ର ଓ ଅକ୍ଟୋବର ୨ରେ ଦୁଇଜଣ ଯୁବକ ଭାସି ଯାଇଥିଲେ। ନରାଜରେ ୨୦୧୭ ଅଗଷ୍ଟ ୨୫ରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ଧବଳେଶ୍ୱର ଗଡ଼ାରେ ୨୦୧୭ ଅକ୍ଟୋବର ୭ରେ ୩ ଜଣ ୧୦ମ ଶ୍ରେଣୀ ଛାତ୍ର, ୨୦୧୮ ଅକ୍ଟୋବର ୨ରେ ଚହଟାରେ ଦୁଇ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ୨୦୧୯ ଅଗଷ୍ଟରେ ଜଣେ ଜାତୀୟ ସ୍ତରରେ ଖେଳାଳୀ ମହାନଦୀରେ ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି କାଠଯୋଡ଼ିରେ ୨୦୧୮ ମେ ୬ରେ ଜଣେ ୧୦ମ ଶ୍ରେଣୀ ଓ ବିସିଏ ଦ୍ୱିତୀୟ ବର୍ଷ ଜଣେ ଛାତ୍ର ଖାନନଗର ତ୍ରିନାଥ ଗଡ଼ାରେ ବୁଡ଼ି ପ୍ରାଣ ହରାଇଥିଲେ।

ଏହାଛଡ଼ା ୨୦୨୧ ନଭେମ୍ବର ୨୫ରେ ଚାରି ଜଣ ସ୍କୁଲ ଛାତ୍ର କୋଳି ଖାଇବା ପାଇଁ ମହାନଦୀର ଭଦିମୂଳ ଘାଟକୁ ଯାଇ ବୁଡ଼ି ଯାଇଥିଲେ। ଦୁଇ ଦିନ ପରେ ସମସ୍ତଙ୍କ ଶବ ପାଣିରୁ ମିଳିଥିଲା। ସେହିପରି ଗଲା ମାର୍ଚ୍ଚ ୨୯ରେ ନରାଜରେ ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ଯାଇ ଜଣେ ଇଞ୍ଜିନିୟରିଂ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ଏହି ସବୁ ଘଟଣା ବାଦ ଅନେକ ଅଘଟଣରେ ଅନେକଙ୍କ ଜୀବନ ଯାଇଛି। ମୁଖ୍ୟ କଥା ହେଉଛି ସବୁ ଘଟଣା ପଛରେ ଅସାବଧାନତାକୁ ଦାୟୀ କରାଯାଇଛି। ଅନ୍ୟପଟେ ଏଭଳି ଅଘଟଣକୁ ରୋକିବା ଲାଗି ୨୦୧୭ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଭୟ ନଦୀର ଏକାଧିକ ଘାଟରେ ସତର୍କ ସୂଚନାଫଳ ଲଗାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ସୂଚନା ଫଳକ ନଷ୍ଟ ହୋଇଯାଇଛି। ଏହାର ମରାମତି ଲାଗି ଅନେକ ଥର ଦାବି କରାଯିବା ସତ୍ତ୍ୱେ ତାହା ହୋଇପାରିନାହିଁ। ଫଳରେ ନଦୀର ଗଭୀରା ଜାଣି ନପାରି ଲୋକେ ଅକାଳ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଭଳି ସ୍ଥିତିରେ ନା ଜନସାଧାରଣ ସଚେତନ ହେଉଛନ୍ତି, ନା ଜିଲ୍ଲା ପ୍ରଶାସନ ନିଜ ଆଡୁ ତତ୍ପରତା ପ୍ରକାଶ କରୁଛନ୍ତି। ଅଘଟଣ ପରେ ସବୁ ଦୋଷ ନଦୀ ଉପରେ ଛାଡ଼ି ଦିଆଯାଇଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଆନିକଟ ନିକଟରେ ୪୭ ଜଣଙ୍କ ଜୀବନ ଚାଲିଯାଇଛି। ରେଭେନ୍ସାର ଚାରି ଜଣ ଛାତ୍ର କିଛି ମାସ ତଳେ ସୁଅ ମୁହଁରେ ଭାସି ଯାଇଥିଲେ। ସୂଚନା ଥାଉକି ୨୦୧୮ରେ ୮ଜଣ, ୨୦୧୯ରେ ୧୦ଜଣ, ୨୦୨୦ରେ ୧୦ ଜଣ, ୨୦୨୧ରେ ୧୫ ଜଣ ଓ ଚଳିତ ବର୍ଷ ୪ ଜଣ ପିଲାଙ୍କ ଅକାଳ ଜୀବନ ଚାଲିଯାଇଛି। ଯୋବ୍ରା ପାର୍କ ନିକଟରେ ଥିବା ତତ୍ତ୍ୱବଟ ପର୍ଯ୍ୟନ୍ତ ପାଖାପାଖି ତିନଟି ତୁଠରେ ଚଳପ୍ରଚଳ ହୋଇଥାଏ। ସେହିପରି ଅଭିଯୋଗ ଉଠୁଛି ଯେ ଆନିକଟ ଠାରେ ମହାନଦୀର ପାଣିକୁ ନିୟନ୍ତ୍ରଣ ରଖିବା ପାଇଁ ଦାୟିତ୍ୱରତ କର୍ମଚାରୀମାନେ ନିଜ ଇଚ୍ଛା ମୁତାବକ ଗେଟ ଟେକୁଛନ୍ତି। ଯାହାଦ୍ୱାରା ଅଚାନକ ପାଣି ଚାଲି ଆସିବାରୁ ପିଲାମାନେ ନ ଜାଣି ପାରି ମୃତ୍ୟୁର ଶିକାର ହେଉଛନ୍ତି। ପିଲାମାନେ ଅଭାବନୀୟ ଭାବେ ଯେଉଁ ଜଳସମାଧି ନେଲେ ତାହା କ'ଣ ସେମାନଙ୍କ ଭାଗ୍ୟ ଥିଲା? ପ୍ରଶାସନ କରୁଛି କ'ଣ ଏବଂ ଏ କ୍ଷେତ୍ରରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇ ପର୍ଯ୍ୟାପ୍ତ କ୍ଷତି ପୂରଣ ଦିଆଯାଉ।

**ଯୁଧିଷ୍ଠିର ମହାରଣା**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ: ୯୪୩୭୧୬୩୫୨୮

# ଚଇତି ଘୋଡ଼ାନାଚ



ଚଇତି ଘୋଡ଼ା ନାଚ ଓଡ଼ିଶାର ଏକ ପାରମ୍ପରିକ ଲୋକନୃତ୍ୟ। ଏହା ମୁଖ୍ୟତଃ ଓଡ଼ିଶାର ଉପକୂଳ ଅଞ୍ଚଳରେ କେଉଟ ମାନଙ୍କ ଦ୍ୱାରା ଆରମ୍ଭ ହୋଇ ସେହି ଅଞ୍ଚଳମାନଙ୍କରେ ଚୈତ୍ର ମାସ ପୂର୍ଣ୍ଣିମା ତିଥିରେ ପରିବେଷିତ ହୋଇଥାଏ। କେଉଟମାନେ ବାଉଁଶ ବତାରେ ଘୋଡ଼ାର ପାଦହୀନ ଦେହ ଓ ବେକ ଆକାରର ଗୋଟିଏ ଥାଟ ତିଆରି କରି ତା ଉପରେ ଲୁଗା ଆଦି ଘୋଡ଼ାନ୍ତି ଓ ବେକ ଉପରେ ଘୋଡ଼ାମୁହଁ ପରି ଚିତ୍ରିତ ମୁଖାଟିଏ ଲଗାନ୍ତି। ଉକ୍ତ ଚଇତି ଘୋଡ଼ାର ପିଠିରେ ଗୋଟିଏ କଣା ଥାଏ। ସେହି କଣା ବାଟେ ମନୁଷ୍ୟ ଅଣ୍ଟା ପର୍ଯ୍ୟନ୍ତ ପଶି କରି ଭୂମିରେ ଠିଆ ହୁଏ ଓ ଘୋଡ଼ା ରୂପର ଆଗରୁ ଓ ପଛରୁ ଡୋରି ଲଟକା ଯାଏ। ମନୁଷ୍ୟ ଅଣ୍ଟା



ଠାରୁ ନିମ୍ନ ଅଂଶ ଘୋଡ଼ା ଭିତରେ ଲୁଚି ଥାଏ ଓ ଅଣ୍ଟା ଠାରୁ ଉପର ଅଂଶ ଘୋଡ଼ା ଭିତରେ ବସିବା ପରି ଅନୁମତି ହୁଏ। ଏହି ବ୍ୟକ୍ତି ନାଚିବା ସଙ୍ଗେ ସଙ୍ଗେ ଘୋଡ଼ା ମଧ୍ୟ ନାଚେ। ଘୋଡ଼ାର ମୁହଁ ଆଡ଼େ ଲଗାମ ପରି କନା ଡୋରି ବନ୍ଧା ହୋଇଥାଏ। ଉକ୍ତ ଡୋରିକୁ ନଚାଇବା ବାଲା ଧରି ଘୋଡ଼ାର ଲଗାମ ଧରିବାର ଅଭିନୟ କରେ।

କେଉଟମାନେ ଏହି ପର୍ବ ଉପଲକ୍ଷେ ଚଢ଼େଇୟା ଓ ଚଢ଼ଉଣୀ ବେଶ ହୋଇ ନାଚନ୍ତି ଓ ଗୀତ ବୋଲନ୍ତି। ଘୋଡ଼ା ନାଚରେ ଜଣେ ଲେଖାଏଁ ଗାୟକ, ପାଳିଆ, ଢ଼ୋଲକିଆ, ମହୁରିଆ, ରାଉତ, ରାଉତାଣୀ ଥାଆନ୍ତି। ଗାୟକ ବିଷୟବସ୍ତୁ ଗାଉଥିବା ବେଳେ ପାଳିଆ ପାଳି ଧରେ, ଢ଼ୋଲକିଆ ବାଜା ବଜାଏ ଓ ରାଉତ ସଜ୍ଜିତ କାଠଘୋଡ଼ା ଚଢ଼ି ରାଉତାଣୀ ସହ ନୃତ୍ୟ କରୁଥାଏ। ମା'ବାସେଳୀଙ୍କ ବନ୍ଦନାରୁ ଆରମ୍ଭ ହୁଏ ଘୋଡ଼ା ନାଚ। ପରେ ରାଧାକୃଷ୍ଣଙ୍କ ଲୀଳା, ଶିବ ପାର୍ବତୀଙ୍କ କାହାଣୀକୁ ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଏ। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବହି ନଥାଏ। କୈବର୍ତ୍ତ ଗୀତା, କୈବର୍ତ୍ତ ପୁରାଣ ଓ କୈବର୍ତ୍ତ ସଂହିତାରୁ ବିଷୟବସ୍ତୁ ଉଦ୍ଧାର କରି ଗାୟକ ସେଗୁଡ଼ିକୁ ପାରମ୍ପରିକ ସ୍ୱରରେ ପଢ଼ିବା ଭଳି ଶବ୍ଦ ସଂଯୋଜନା କରି ସ୍ୱର ଦେଇଥାନ୍ତି।

**ନାଟ୍ୟସାରଥି ଅଭୟ କୁମାର ଦାସ**, ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

# କୋଭିଡ଼ ପ୍ରଭାବରେ ଛୋଟ ପିଲାଙ୍କ ଆଖି ଖରାପ



କୋଭିଡ଼ ମହାମାରୀ ଯୋଗୁ ପ୍ରାୟ ଦୁଇବର୍ଷ କାଳ ପିଲାମାନେ ସ୍କୁଲ ନ ଯାଇ ଘରେ ରହିଲେ। ଏବେ ସ୍କୁଲ ଖୋଲିବା ପରେ ଦେଖିବାକୁ ମିଳୁଛି ଯେ ବହୁ ପିଲା କଳାପଟାରେ କ'ଣ ଲେଖା ହୋଇଛି ପଢ଼ିପାରୁ ନାହାନ୍ତି। ଆଖିକୁ ଜାଲୁଆ ଜାଲୁଆ ଦିଶୁଛି। ପାଠପଢ଼ାରେ ଅଧିକ ସମୟ ଧ୍ୟାନ ଦେଇପାରୁ ନାହାନ୍ତି। କାହାର ଆଖି ନାଲି ପଡ଼ିଛି, କାହାର ମୁଣ୍ଡ ବିନ୍ଧା ହେଉଛି ତ କାହାକୁ ଭାରି ଅଶ୍ୱସ୍ତି ଅନୁଭବ ହେଉଛି। ଦିଲ୍ଲୀ ରାଜଧାନୀ ଅଞ୍ଚଳ, ମୁମ୍ବାଇ, ଉଦୟପୁର ଅଞ୍ଚଳର ଆଖି ଡାକ୍ତରମାନଙ୍କ ପାଖରେ ପିଲାମାନଙ୍କ ଭିଡ଼ ଦୁଇଗୁଣ ବଢ଼ିଯାଇଛି ବୋଲି ଏକ ରିପୋର୍ଟ ମିଳିଛି। ନୂଆଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି। ଡାକ୍ତରଙ୍କ ପାଖକୁ ଆଖି ଦେଖାଇବାକୁ ଆସୁଥିବା ପ୍ରତି ୧୦ଜଣରେ ୬ଜଣଙ୍କର ଚଷମା ଦରକାର ପଡୁଛି। ଯେଉଁମାନେ ଗତ ବର୍ଷ ଚଷମା ଲଗାଇଥିଲେ ସେମାନଙ୍କ ଚଷମାର ପାୱାର ୦.୫ରୁ ୦.୭୫ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

ଆଖି ଡାକ୍ତରମାନଙ୍କ କହିବା ଅନୁସାରେ ୫ରୁ ୧୫ ବର୍ଷର ବହୁ ପିଲାଙ୍କୁ ଏବେ ଚଷମା ପିନ୍ଧିବାକୁ ପଡୁଛି, ଏପରିକି ଅଧିକ ପାୱାରର ଚଷମା ଅନେକଙ୍କର ଦରକାର ପଡୁଛି। ଏମ୍ସର ଡାକ୍ତରଙ୍କ ପ୍ରାରମ୍ଭିକ ଅନୁଧ୍ୟାନ ଅନୁସାରେ ପିଲାମାନେ ମାୟୋପିଆ (ନିକଟ ଦୃଷ୍ଟିକୋଷ)ର ଶିକାର ହେବା ୭ ପ୍ରତିଶତରୁ ୧୩ ପ୍ରତିଶତକୁ ବା ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି।

ମୋବାଇଲ, ଲାପଟପ, କମ୍ପ୍ୟୁଟର, ଟିଭି ପ୍ରଭୃତି କେବଳ ପାଖ ଜିନିଷ ଦେଖିବାରେ ଅଭ୍ୟସ୍ତ ହେବା ଏବଂ ବାହାରକୁ ନ ଯିବା ଏହାର କାରଣ ବୋଲି କୁହାଯାଉଛି। ମୋବାଇଲ ବା ଲାପଟପ ପରି ଛୋଟ ପରଦାର ପାଖ ଜିନିଷ ବେଶି ଦେଖିଲେ ନେତ୍ର ଗୋଲକ (ଆଇବଲ) ସମ୍ପ୍ରସାରିତ ହୁଏ ଓ ତାପ ସୃଷ୍ଟି ହୁଏ, ଯାହା ନିକଟ ଦୃଷ୍ଟିଦୋଷର କାରଣ। ବିଯୁକ୍ତ ୧ ବା ୧.୫ରୁ ଅଧିକ ପାୱାରର ଚଷମା ପିଲାମାନଙ୍କୁ ପିନ୍ଧିବାକୁ ପଡୁଛି। କୋଭିଡ଼ ଯୋଗୁଁ ବାହାରକୁ ନ ଯିବା ଓ ବାହାରେ ଖେଳକୁଦ ନ କରିବା ଯୋଗୁଁ ପିଲାମାନେ ସୂର୍ଯ୍ୟକିରଣ ପାଇବାରୁ ବଞ୍ଚିତ ହେଲେ। ଫଳରେ ସେମାନଙ୍କ ଶରୀରରେ ଭିଟାମିନ ଡି ବା ଡୋପାମାଇନର ମଧ୍ୟ ଅଭାବ ଦେଖିବାକୁ ମିଳିଛି। ଏଣିକି ପିଲାମାନେ ଯଦି ଅତି କମରେ ଦୁଇଘଣ୍ଟା ବାହାରେ ବୁଲିବେ ବା ଖେଳିବେ ଏବଂ ମୋବାଇଲ ଓ ଲାପଟପ ଦେଖିବାରୁ ବିରତ ରହିବେ ତେବେ ସେମାନଙ୍କ ଛୋଟ ପରଦାରେ ମନୋନିବେଶ ସମୟ ହ୍ରାସ ପାଇବ ଏବଂ ଆଖିର ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସେମାନଙ୍କ ନିକଟ ଦୃଷ୍ଟିଦୋଷ ହେବାର ସମ୍ଭାବନା ମଧ୍ୟ ହ୍ରାସ ପାଇବ।

**ଡାକ୍ତର ବିଷ୍ଣୁ ପ୍ରସାଦ ସର**, ସହଯୋଗୀ ପ୍ରଫେସର, ଚକ୍ଷୁ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୮୨୮୦୧୬୩୬୬୭

# ମାଇଥୋମାନିଆ



ଜୀବନରେ ଏକ ବିଚିତ୍ର ସତ୍ୟ ଆଉ ମିଥ୍ୟା ଥାଏ। ଏହି କଥାକୁ ବଡ଼ ଦୁଃଖର ସହିତ କହିଲେ ମୋ ବନ୍ଧୁ ଦେବଦତ୍ତ। ତାଙ୍କ ଜଣେ ବନ୍ଧୁ ପିଲାଦିନରୁ କଳ୍ପନାବିଳାସୀ। ପିଲାଦିନରୁ ଛୋଟ ଛୋଟ ପ୍ରସଙ୍ଗକୁ ମିଛ କହିବାର ଏକ ପ୍ରକାର ପ୍ରବଣତା ସେ ଧୀରେ ଧୀରେ ନେଇଯାଇଥିଲେ। ତାଙ୍କ ବ୍ୟସ୍ତତା ଶୁଣିକି ମୁଁ ତାଙ୍କୁ କହିଲି ଯେ ଜୀବନରେ ଏହା ନିଶ୍ଚିନ୍ତ ଏକ ଅସ୍ୱାଭାବିକ ଘଟଣା। ତେବେ ବଡ଼ କଥା ହେଉଛି ପିଲାମାନେ ବେଳେ ବେଳେ ମିଛ କୁହନ୍ତି ଆଉ କେଉଁ ପରିସ୍ଥିତିରେ କୁହନ୍ତି ତାହା ଜାଣିବା ବାପା ମାଆଙ୍କର ବଡ଼ କର୍ତ୍ତବ୍ୟ। ମୁଁ ତାଙ୍କୁ ପରାମର୍ଶରେ କହିଲି ଯେ, ମଣିଷ ନିଜ ଜୀବନରେ ଯେ କେବେ କେମିତି ମିଛର ସାହାରା ନେଇଥାଏ। ଜୀବନରେ ଥରେ ବି ମିଛ କହିନଥିବା ଲୋକଙ୍କ ସଂଖ୍ୟା ହୁଏତ ଅତି ବିରଳ ହୋଇଥିବ। କାରଣ ସମସ୍ୟା ସମାଧାନ ପାଇଁ ଅବା କାହାକୁ ବଞ୍ଚାଇବା ପାଇଁ ମଣିଷ ବେଳେ ବେଳେ ମିଥ୍ୟାର ଆଶ୍ରୟ ନେଇଥାଏ। କିନ୍ତୁ କିଛି ଲୋକ ଥାଆନ୍ତି ଯେଉଁମାନେ ସ୍ୱଭାବଗତ ଭାବେ ମିଛ କହିଥାଆନ୍ତି। ସେମାନଙ୍କ ମିଛ କହିବା ଦ୍ୱାରା ଯଦିଓ ଅନ୍ୟମାନଙ୍କର ଲାଭ ବା କ୍ଷତି କିଛି ବି ହୋଇନାଥାଏ। କିନ୍ତୁ ମିଛ କହୁଥିବା ଲୋକ ଆତ୍ମସନ୍ତୋଷ ପାଇଥାଏ ତେବେ ଧରିନେବାକୁ ହେବ ସେହି ବ୍ୟକ୍ତି ଏକ ପ୍ରକାର ମାନସିକ ରୋଗରେ ପୀଡ଼ିତ। ଯଦିଓ ଏହା ସେତେ ମାରାତ୍ମକ ନୁହେଁ। ମାନସିକ ରୋଗ ବିଶେଷଜ୍ଞଙ୍କ ମତରେ ଏହା ରୋଗ ନୁହେଁ, ବରଂ ଏକ ପ୍ରକାର ମାନସିକ ସମସ୍ୟା। ମନସ୍ତାତ୍ତ୍ୱିକମାନଙ୍କ କହିବାନୁସାରେ ମାଇଥୋମାନିଆ ସେହି ଲୋକମାନେ ଭୋଗିଥାନ୍ତି ଯେଉଁମାନେ ଅତ୍ୟଧିକ କଳ୍ପନାବିଳାସୀ ହୋଇଥାନ୍ତି। ପିଲା ଦିନରୁ ଛୋଟ ଛୋଟ ପ୍ରସଙ୍ଗରେ ମିଛ କହିବାର ପ୍ରବଣତା ଧୀରେ ଧୀରେ ମାଇଥୋମାନିଆର ରୂପ ନେଇଥାଏ। କିନ୍ତୁ ମାଇଥୋମାନିଆ ଭୋଗୁଥିବା ଲୋକମାନେ ମକିଛ କହି କାହାର କ୍ଷତି କରନ୍ତି ନାହିଁ। କୋଲିନ୍ସ ଅଭିଧାନ ଅନୁସାରେ ଏହି ଶବ୍ଦଟି ୧୯୦୫ ମସିହାରେ ପ୍ରଥମେ ବ୍ୟବହୃତ ହୋଇଥିଲା। ମିଥ୍ ଓ ମାନିଆ ଦୁଇଟି ଶବ୍ଦରୁ ସୃଷ୍ଟି ହୋଇଛି ମାଇଥୋମାନିଆ। ମାଇଥୋମାନିଆ ଭୋଗୁଥିବା ଲୋକମାନେ ଅନେକ ସମୟରେ ଏତେ ସୁନ୍ଦର ମିଛ କହିଥାନ୍ତି ଯେ ଅନ୍ୟମାନେ ସେମାନଙ୍କ କଥାକୁ ଅତି ସହଜରେ ବିଶ୍ୱାସ ବି କରିଥାଆନ୍ତି। ପୁଣି ମାଇଥୋମାନିଆ ଭୋଗୁଥିବା କିଛି ଲୋକ ନିଜ ସଂପର୍କରେ ବଢ଼େଇ ହୋଇ କହିଥାନ୍ତି। ଏହି ସମସ୍ୟା ଭୋଗୁଥିବା ଅଳ୍ପ କିଛି ଲୋକଙ୍କର ଆତ୍ମଗର୍ବ ବି ଥାଏ। ଆଧୁନିକ ଯୁଗରେ ଏହି ସମସ୍ୟାର ସମାଧାନ ବେଶ ସହଜ। ଯଦି ଜଣେ ନିଜକୁ ଗଭୀର ଭାବେ ଅନୁଶୀଳନ କରିପାରିବ ତେବେ ସେ ବୁଝିପାରିବ ସେ ମାଇଥୋମାନିଆ ଭୋଗୁଛି କି ନାହିଁ। ଯଦି ଜଣେ ଅନୁଭବ କରେ ସେ ଛୋଟ ଛୋଟ କଥାରେ ମାତ୍ରାଧିକ ମିଛ କହୁଛି ତେବେ ମନସ୍ତାତ୍ତ୍ୱିବିଦଙ୍କ ସାହାଯ୍ୟ ନେଇପାରିବେ। କୌଣସି ଔଷଧ ନୁହେଁ, ବରଂ କାଉନସେଲିଂ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ। ଅଭିଭାବକମାନେ ମଧ୍ୟ ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ପିଲାମାନେ କେତେବେଳେ ମିଛ କହୁଛନ୍ତି, କାହିଁକି ମିଛ କହୁଛନ୍ତି, କେଉଁ ପରିସ୍ଥିତିରେ ପଡ଼ି ସେମାନଙ୍କ ପାଟିରୁ ମିଛ ବାହାରୁଛି ସେ ସବୁ ଭଲ ଭାବେ ବୁଝିବା ଆବଶ୍ୟକ। ଛୋଟ ପିଲା ବେଳେ ବେଳେ ଭୟରେ ମିଛ କହିଥାଆନ୍ତି। ତାହା ଅଲଗା ପ୍ରସଙ୍ଗ। କିନ୍ତୁ ପିଲାଦିନରୁ ସ୍ୱଭାବସିଦ୍ଧ ଭାବେ ମିଛ କହିବାର ଅଭ୍ୟାସ ତିଆରି ହୋଇଗଲେ ତାହା ପିଲାର ଭବିଷ୍ୟତକୁ ପ୍ରଭାବିତ କରିପାରେ। ଏ କ୍ଷେତ୍ରରେ ବାପା-ମାଆଙ୍କର ବଡ଼ କର୍ତ୍ତବ୍ୟ ରହିଛି ଏବଂ ଏ କ୍ଷେତ୍ରରେ ସଚେତନତା ମଧ୍ୟ ବଡ଼ ଗୁରୁତ୍ୱ ରଖେ। ତୁରନ୍ତ ଏହି ସମସ୍ୟା ଦେଖାଦେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ଡାକ୍ତର ସମ୍ରାଟ କର**, ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ରାଜଧାନୀ ପ୍ରତିଷ୍ଠା ଦିବସରେ ୧୩ଜଣଙ୍କୁ ପ୍ରଦାନ କରାଯିବ 'ରାଜଧାନୀ ଗୌରବ ସମ୍ମାନ'

ଭୁବନେଶ୍ୱର (ପିଏନ୍): ଆସନ୍ତା ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ୭୪ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବା ପାଇଁ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୩ ତାରିଖ ପୂର୍ବାହ୍ନ ୮ଟା ସମୟରେ ରାଜଧାନୀ ଶିଳାନ୍ୟାସ ଫଳକ ସମ୍ମୁଖସ୍ଥ ବେସାମରିକ ପରେଡ ଉତ୍ସବ ପରେ ପରେ ରାଜଧାନୀର ୧୩ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ରାଜଧାନୀ ଗୌରବ ସମ୍ମାନ'ରେ ସମ୍ମାନିତ କରାଯିବ। ଏଥିପାଇଁ ସଂସ୍କୃତି ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ମହାନଗର ନିଗମ, ସୂଚନା ଓ ଲୋକସଂପର୍କ ବିଭାଗ, ଜିଲ୍ଲାପାଳ ଖୋର୍ଦ୍ଧା, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ଚୟନ କମିଟି ଗଠନ କରାଯାଇଥିଲା। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ପାଇଁ ଗଠିତ ଚୟନ କମିଟିରେ ୧୩ଜଣ ବ୍ୟକ୍ତିବିଶେଷଙ୍କୁ ରାଜଧାନୀ ଗୌରବ ସମ୍ମାନ ପ୍ରଦାନ କରିବା ପାଇଁ ଚୂଡ଼ାନ୍ତ ନିଷ୍ପତି ନିଆଯାଇଛି। କୋଭିଡ୍ ଯୋଦ୍ଧା ଭାବେ ଡ. ସଂଘମିତ୍ରା ପତି ଓ ଶୁଭେନ୍ଦୁ ସାହୁ, ବିଶିଷ୍ଟ ଶିଳ୍ପପତି ପଙ୍କଜଲୋଚନ ମହାନ୍ତି, ବୈଜ୍ଞାନିକ ଡ. ଅଜୟ ପରିଡ଼ା, ହକି ଖେଳାଳୀ ଦୀପଗ୍ରେସ୍ ଏକ୍କା, ଆଇନଜୀବୀ ଡ. ମଧୁମାଧବ ଜେନା, ଚିକିତ୍ସକ ଡା. ଅଶୋକ ନନ୍ଦ, ସମାଜସେବୀ ନୀଳମଣି ମିଶ୍ର, ଟ୍ରାଫିକ୍ କନଷ୍ଟେବଳ ଶେଷଦେବ ସାହୁ, ନର୍ସ ଶ୍ରୀମତୀ ହାରାମଣୀ ଦାଶ, ପୋଷ୍ଟମ୍ୟାନ୍ ବିପ୍ଳବ ରଂଜନ ମଲ୍ଲିକ ଓ ସୁଇପର ଶ୍ରୀମତୀ ସୁଷମା ଦେଇଙ୍କୁ ଉକ୍ତ ସମାରୋହରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ସମ୍ମାନିତ କରାଯିବ ବୋଲି ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସାଧାରଣ ସଂପାଦକ ସନତ ମିଶ୍ର ଓ ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

—ଓଡ଼ିଆ ମହୋତ୍ସବ-୨୦୨୨—

## ଆକର୍ଷଣୀୟ ନୃତ୍ୟରେ ମୋହିଲେ ଶିଶୁ କିଶୋର

ଭୁବନେଶ୍ୱର (ପିଏନ୍)- ଓଡିଆ ଭାଷା,ସଂସ୍କୃତି, ପରମ୍ପରା ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ତଥା ପ୍ରଚାର ପ୍ରସାର ଲକ୍ଷ୍ୟରେ ସଂଭାବନା ପକ୍ଷରୁ ସତର ବର୍ଷ ଧରି ଚାଲିଥିବା ଓଡ଼ିଆ ମହୋତ୍ସବ ଓ ଏହାର ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ୩ଦିନିଆ ଉଦ୍‌ଯାପନୀ ଉତ୍ସବର ପୂର୍ବରୁ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା ଅଂ'ର୍ଗତ ଓଡ଼ିଶୀ ଓ ଲଘୁନୃତ୍ୟ ପ୍ରତିଯୋଗିତା ଏକାମ୍ର ହାଟର ମୁକ୍ତାକାଶ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି।ଓଡିଶୀ ନୃତ୍ୟ ସହ ରଚିପୂର୍ଣ୍ଣ ଓଡିଆ ସଂଗୀତର ତାଳେ ତାଳେ ଲଘୁନୃତ୍ୟ ପରିବେଷଣ କରି ଶିଶୁ ଓ କିଶୋରମାନେ ଉପସ୍ଥିତ ଦର୍ଶକବୃନ୍ଦଙ୍କୁ ମୋହିତ କରିବା ସହ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହ ନିଜ ନିଜର ସଂପର୍କକୁ ପ୍ରମାଣିତ କରିଥିଲେ।

ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜାଙ୍କର ପ୍ରାରମ୍ଭିକ ସୂଚନା ପରେ ପ୍ରଥମ ଥର ପାଇଁ ସଂଭାବନାର କିଛି ଶୁଭେଚ୍ଛୁ ସାମ୍ବାଦିକ ଅପୂର୍ବ ମହାନ୍ତି, ଅମ୍ବୁଜ କୁମାର ଦେଓ ସାମନ୍ତ,ସଂଗ୍ରାମ ଦାସ,ଅଧ୍ୟାପକ ସତ୍ୟ ସୁନ୍ଦର ସାହୁ ଓ ପିଜେ ଗ୍ରୁପର ଅଧକ୍ଷ ପ୍ରତାପ ଚନ୍ଦ୍ର ଜେନା ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉପସ୍ଥିତ ଶିଶୁ-କିଶୋର ନୃତ୍ୟ ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ଯୋଗ ଦେଇଥିଲେ, ଗୁରୁ ଦେବବ୍ରତ ଦାସ ଓ ରଶ୍ମିତା ରାଜ ନନ୍ଦିନୀ ପାଣିଗ୍ରାହୀ। ପଚାଶରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି,ସଦସ୍ୟ ରାଜଶ୍ରୀ ଶତପଥି, ପ୍ରଫୁଲ୍ଲ ଦେ ପ୍ରମୁଖ ପରିଚାଳନା କରିଥିଲେ।

## ସ୍କାଉଟସ୍ ଗାଇଡସ୍ ତରଫରୁ ରାମ ନବମୀ ସେବା ଶିବିର



ଭୁବନେଶ୍ୱର (ପିଏନ୍): ରାଜ୍ୟ ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ଏବଂ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ପବିତ୍ର ଶ୍ରୀରାମ ନବମୀ ଅବସରରେ ସେବା କାର୍ଯ୍ୟ ଯୋଗାଇ ଦେଇଥିଲେ। ଓଡିଶାର ବିଭିନ୍ନ ମହାବିଦ୍ୟାଳୟରୁ ମୋଟ ୭୦ ଜଣ ରୋଭରଙ୍କୁ ନେଇ ଏହି ସେବା ଶିବିର ଆୟୋଜନ କରାଯାଇଅଛି । ଖରା ଓ ଗରମ ଦାଉରୁ ଭକ୍ତମାନେ ରକ୍ଷାପାଇବା ପାଇଁ ରୋଭରମାନେ ଭକ୍ତମାନଙ୍କୁ ଦହି ପାଣି, ଥଣ୍ଡା ପାନୀୟଜଳ ବଣ୍ଟନ କରିବା ସଙ୍ଗେ ସଙ୍ଗେ ଖରା ତାତିରୁ ରକ୍ଷା ପାଇବା ପାଇଁ ଭକ୍ତମାନଙ୍କ ଉପରେ ସ୍ପ୍ରେୟର ସାହାଯ୍ୟରେ ପାଣି ସିଞ୍ଚନ କରିଥିଲେ, ଚାଲିବା ସ୍ଥାନରେ ପାଣି ଢ଼ାଳି ରାସ୍ତାକୁ ଥଣ୍ଡା ରଖୁଥିଲେ, ଲୋକମାନଙ୍କୁ ସୁବିଧାରେ ଦର୍ଶନ କରିବା ପାଇଁ ଲାଇନ୍ ମାଧ୍ୟମରେ ଲୋକମାନଙ୍କୁ ଭିତରକୁ ପ୍ରବେଶ କରାଉଥିଲେ, ମନ୍ଦିର ପରିସରରେ ଥିବା ଦୀପସ୍ଥାନ ଏବଂ ରାସ୍ତାରେ ପଡିଥିବା ଅଳିଆ ଆବର୍ଜନାକୁ ସଫା କରୁଥିଲେ, ଅସୁସ୍ଥ ଲୋକମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇଥିଲେ। ଏତଦ୍‌ବ୍ୟତୀତ ଜନଗହଳିକୁ ଏଡାଇବା ପାଇଁ ପୋଲିସ ଏବଂ ଟ୍ରାଫିକ୍‌ମାନଙ୍କୁ ସାହାଯ୍ୟ କରୁଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜାତୀୟ ପ୍ରତିଯୋଗିତା ଆୟୋଜନ ପାଇଁ ଆମେ ପ୍ରସ୍ତୁତ: ଜିଲ୍ଲାପାଳ

ବଲାଙ୍ଗୀର,(ପି.ଏନ): ସ୍ଥାନୀୟ ପିଆର ହାଇସ୍କୁଲ ବ୍ୟାଡମିନ୍ଟନ ଇନଡୋର ଷ୍ଟାଡିଅମ ଠାରେ ଆଜି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥି ରୁପେ ଯୋଗଦେଇ ବିଧିବଦ୍ଧ ଭାବେ ୯, ୧୧,୧୫ ଓ ୧୭ ବର୍ଷ ବର୍ଗର ରାଜ୍ୟ ବ୍ୟାଡମିନ୍ଟନ ର୍ୟାଙ୍କିଂ ପ୍ରତିଯୋଗିତାକୁ ଉଦଘାଟନ କରିଛନ୍ତି । ପ୍ରତିଯୋଗିତାର ସାଙ୍ଗଠନିକ ସଂପାଦକ ସୁରୁଲାଲ ମଟାରୀଙ୍କ ସଂଯୋଜନାର ଆୟୋଜିତ ଏହି ଉଦଘାଟନି କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି ଯେ, ବହୁ ଶିଘ୍ର ବଲାଙ୍ଗିର ଏକ ସ୍ପୋର୍ଟସ ହବ୍ ରେ ପରିଣତ ହେବ । ଜିଲ୍ଲାରୁ ବିଭିନ୍ନ ଖେଳର ଅନେକ ଖେଳାଳି ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରୁଛନ୍ତି । କିନ୍ତୁ, ଭିତିଭୂମି ଅଭାବ ଦୃଷ୍ଟିରୁ ସେମାନେ ତାଙ୍କ ଖେଳ ସ୍ତରରେ ଉନ୍ନତି କରି ପାରୁ ନଥିଲେ, କିନ୍ତୁ ବର୍ତମାନ ଆଉ ସେ ସ୍ଥିତି ନାହିଁ । ଏହି ଇନଡୋର ଷ୍ଟାଡିଅମ ଆଗାମୀ ଦିନରେ ଅନେକ ଜାତୀୟ ସ୍ତରର ଖେଳାଳି ପ୍ରସ୍ତୁତ କରିବ ବୋଲି ଶ୍ରୀ ମିଶ୍ର କହିଥିଲେ । ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ଜିଲ୍ଲାପାଳ ଚଂଚଲ ରାଣା ଯୋଗଦେଇ ବଲାଙ୍ଗିରକୁ ରାଜ୍ୟ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ରାଜ୍ୟ ସଂଘ ଲଗାତାର ଦ୍ୱିତୀୟ ଥର ସୁଯୋଗ ଦେଇଥିବା ଏବଂ ଏହି ସୁଯୋଗକୁ ସାମର୍ଥ୍ୟର ସହ ପାଳନ କରୁଥିବା ପାଇଁ ଜିଲ୍ଲା ସଂଘକୁ ସାଧୁବାଦ ଦେଇଥିଲେ । ଆହୁରି ଆଗାମୀ ଦିନରେ ଜାତୀୟ ବ୍ୟାଡମିନ୍ଟନ ପ୍ରତିଯୋଗିତା ପାଇଁ ବଲାଙ୍ଗିର ପ୍ରସ୍ତୁତ ଅଛି । ସେଥିପାଇଁ ଆବଶ୍ୟକ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଯଥାଶିଘ୍ର ପୁରଣ କରାଯିବ ବୋଲି କହିଥିଲେ । ସେହିପରି ଏସିଆର ସର୍ବବୃହତ ଅଣ୍ଡା ଉତ୍ପାଦନକାରୀ ଫାର୍ମର ପରିଚାଳନା ନିର୍ଦ୍ଦେଶକ ସମରେନ୍ଦ୍ର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳ ଓ ଖେଳାଳିଙ୍କ ଉନ୍ନତି ଦିଗରେ ସମସ୍ତ ପ୍ରୟାସ କରାଯିବ । ତାଛଡା ବଲାଙ୍ଗିରରେ ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ଆୟୋଜକଙ୍କୁ ସମସ୍ତ ସହେଯାଗ ଯୋଗାଇ ଦିଆଯିବ ବୋଲି କହିଥିଲେ । ବଲାଙ୍ଗିର ଏସପି ନିତିନ କୁଶଲକର ବ୍ୟାଡମିନ୍ଟନ ସଂଘର ଉଦ୍ୟମକୁ ପ୍ରଶଂସା କରିବା ସହ ବ୍ୟାଡମିନ୍ଟନ ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ । ।ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଘ ସଭାପତି ଗୋପାଳ ପଣ୍ଡା, ଜିଲ୍ଲା ସଂଘ କାଯ୍ୟକାରୀ ସଭାପତି ପବିତ୍ର ବେହେରା, ପିଆର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନି ସେଠି, ସିଏସି ଅଧ୍ୟକ୍ଷ ମନୋରଞ୍ଜନ ଦାଶ, ରେଫରି ଲକ୍ଷ୍ୟପତି ନନ୍ଦ ଓ ଡେପୁଟି ରେଫରି ଜୟନ୍ତ ମିଶ୍ର ମଂଚାସିନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କୁ ଜିଲ୍ଲା ସଂଘର କାର୍ଯ୍ୟକର୍ତାମାନେ ଫୁଲତୋଡା ଦେଇ ସ୍ୱାଗତ କତିବା ସହ ମଂଚକୁ ପାଛୋଟି ନେଇଥିଲେ । ମଂଚରେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ପର୍ବ ପରେ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଫିତା କାଟି ଖେଳ ଆରମ୍ଭ ଘୋଷଣା କରିଥିଲେ । ପ୍ରଥମ ଦିନରେ ମିନି ଓ ସବ ଜୁନିଅର ବର୍ଗର ସମୁଦାୟ ୮୫ଟି ମ୍ୟାଚ ହେବା ସୂଚନା ରହିଛି । ସହରର ଶହ ଶହ ଛାତ୍ରଛାତ୍ରୀ, ଖେଳ ପ୍ରେମୀ ପ୍ରତିଯୋଗିତାକୁ ବେଶ ଉପଭୋଗ କରୁଥିବା ଦେଖିବାକୁ ମିଳିଛି ।

# ଶାଶୁ ଘରେ ବୋହୂକୁ ନିର୍ଯ୍ୟାତନା, ବନ୍ଦୀ ଅବସ୍ଥାରେ ଉଦ୍ଧାର କଲା ପୋଲିସ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ବୁଦୁଗୁଡା ଗ୍ରାମର ଉପେନ୍ ବର୍ମନଙ୍କ ଝିଅ ସୁଷମା ବର୍ମନ କାଲିମେଳା ଗ୍ରାମର ତପେନ୍ଦୁ ସରକାରଙ୍କୁ ପ୍ରେମ ବିବାହ କରିଥିଲେ । ପ୍ରଥମେ ପ୍ରେମ ପରେ ବିବାହ, ଉଭୟ ପରିବାର ଅନିଚ୍ଛା ସତ୍ତ୍ୱେ ପ୍ରେମ ଡୋରିରେ ବାନ୍ଧି ହୋଇ ଏବେ ଭୋଗୁଛନ୍ତି ନିର୍ଯାତନା ସୁଷମା । ସୂଚନା ମୁତାବକ, ୨୦୧୬ ମସିହାରେ ପ୍ରେମ ବିବାହ କରିଥିଲେ ଠିକ ଠାକ ଚାଲିଥିଲା ସଂସାର, କିନ୍ତୁ ଏକ ବର୍ଷ ପରେ ଶ୍ୱଶୁର ଘରେ ଆରମ୍ଭ ହେଲା ସୁଷମାଙ୍କ ଉପରେ ନିର୍ଯ୍ୟାତନା । କେତେବେଳେ ଟଙ୍କାପାଇଁ ନିର୍ଯାତନା ତ କେତେବେଳେ ଶାରୀରିକ ନିର୍ଯ୍ୟାତନା, ସୁଷମାଙ୍କ କହିବା ଅନୁଯାୟୀ ସ୍ୱାମୀ ତପେନ୍ଦୁ ସୁଷମାଙ୍କୁ ବିଭିନ୍ନ ଆଳ ଦେଖାଇ ବିଭିନ୍ନ ଲଜ କୁ ନେଇ ଯାଇ ପାରୁଛି ହେଲେ ଘରେ ରଖିବା ପାଇଁ ଡରୁଛି । ଏ କି ପ୍ରକାର ଭଲପାଇବା ଖାଲି ହୋଟେଲ ନେଇ ମନୋରଞ୍ଜନ କରି ଗୋଟିଏ ଝିଅକୁ ଅଧା ରାସ୍ତାରେ ଛାଡିବା କେତେ ଦୂର ଠିକ ବୋଲି ସୁଷମା ଅଭିଯୋଗ କରିଛନ୍ତି । କଥାଯାଇ ଦାନ୍ତରେ ପଡି ହାତରେ ଗଡ଼ିଲାଣି, କିନ୍ତୁ ବୋହୁକୁ ସ୍ୱୀକାର କରୁନାହାନ୍ତି ପୁଅ ଘର ଲୋକେ । ଏ ନେଇ ଶ୍ୱଶୁର, ଶାଶୁ ଏବଂ ସ୍ୱାମୀ ନାମରେ ମାମଲା ହୋଇ ବର୍ତମାନ କୋର୍ଟରେ ବିଚାରଧୀନ ଅବସ୍ଥାରେ ଅଛି । କିଛିଦିନ ତଳେ ମାନବାଧିକାର ଏବଂ ପୋଲିସର ମିଳିତ ଉଦ୍ୟମରେ ଦୁଇ ପରିବାରକୁ ବୁଝାସୁଝା କରି ସୁଷମାଙ୍କୁ ତାଙ୍କ ଶ୍ୱଶୁର ଘରେ ଛାଡ଼ି ଯାଇଥିଲେ । କିନ୍ତୁ ଗତକାଲି ଖବର ମିଳିଥିଲା ଯେ ତାଙ୍କ ଶ୍ୱଶୁର ଘର ଲୋକେ ସୁଷମାଙ୍କୁ ସେହି ଘରେ ତାଲା ପକାଇ ଅନ୍ୟତ୍ର କୁଆଡେ ଚାଲିଯାଇଛନ୍ତି । ଏହି ଖବର ପାଇଲା ପରେ ପୋଲିସ ଏବଂ ମାନବାଧିକାର ଦଳ ଆସି ସୁଷମାଙ୍କୁ ଉଦ୍ଧାର କରି ତାଙ୍କ ବାପା ଘରେ ଛାଡ଼ିଛନ୍ତି । ସ୍ୱାମୀଙ୍କୁ ଡାକି ପୋଲିସ ଉଭୟଙ୍କୁ ବୁଝାସୁଝା କରି ଘରକୁ ପଠାଯାଇଛି, କିନ୍ତୁ ଏବେ ମଧ୍ୟ ଘରେ ନା ରହୁଛନ୍ତି ସ୍ୱାମୀ ନା ରହିଛନ୍ତି ଶାଶୁ ଶ୍ୱଶୁର, କିନ୍ତୁ ସୁଷମା ଏବେ ମଧ୍ୟ ପରିବାରର ବାଟ ଚାହିଁ ବସିଛନ୍ତି ସ୍ୱାମୀଙ୍କ ଘରେ । ସୁଷମାଙ୍କୁ କଣ ଆପଣାଇ ନେବେ କି ପରିବାର ନା ଏହି ଘଟଣାର କିଛି ନୂଆ ମୋଡ଼ ଦେଖିବାକୁ ମିଳିବ ତାହା ଦେଖିବାକୁ ବାକି ରହିଲା ।


## ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

### ବିଜ୍ଞାପନ

ଗୌରବୋଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୩' ଜାନୁଆରୀ ମାସ ୧୫ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମଠାରେ ପାଳନ କରାଯାଉଅଛି । ପ୍ରତିଦିନ ସନ୍ଧ୍ୟାରେ ସାଧାରଣସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ଜିଲ୍ଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ, ପଲ୍ଲିଶ୍ରୀ ମେଳା, ଉନ୍ନତ କୃଷି ଯନ୍ତ୍ରପାତି ମେଳା, ପୁସ୍ତକ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ଶଙ୍ଖ, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଏହା ସହିତ ଏଲ.ଇ.ଡ଼ି ସ୍କ୍ରିନ ମାଧ୍ୟମରେ ବିଶ୍ୱ ହକି କପ୍ ମ୍ୟାଚର ସିଧାପ୍ରସାରଣ ପ୍ରଦର୍ଶନ କରାଯିବ । ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି ।

**ଶ୍ରୀମତୀ ପାରୁଲ ପଟାୱରୀ**, ଭା.ପ୍ର.ସେ
ଜିଲ୍ଲାପାଳ-ତଥା ଅଧ୍ୟକ୍ଷା
ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର


# ଫୁଲବାଣୀରେ ଜାତୀୟ ଯୁବ ଦିବସ ପାଳିତ

କନ୍ଧମାଳ, (ପି.ଏନ): ଫୁଲବାଣୀ ସହରର ସ୍ଥାନୀୟ ଏଜେଓ ହାଇସ୍କୁଲ ଠାରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠିତ ଏହି କାର୍ଯକ୍ରମରେ ମୂଖ୍ୟ ଅତିଥି ଭାବରେ ଫୁଲବାଣୀ ମ୍ୟୁନିସିପାଲଟିର ଅଧ୍ୟକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆଇନଜିବୀ ବିଜୟକୃଷ୍ଣ ପଟ୍ଟନାୟକ, ଏଜେଓ ହାଇସ୍କୁଲର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ, ଶିକ୍ଷକ ଯୁଧିଷ୍ଠିର ମହାନ୍ତି, କୋଲ୍ଲେଳିନୀ ଆଚାର୍ଯ୍ୟ, ମନୋରଞ୍ଜନ ପାଢ଼ୀ ଏବଂ ନେହେରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ୍ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଦିବସ ଉପଲକ୍ଷେ ଜିଲ୍ଲା ରକ୍ତ ଭଣ୍ଡାର ଫୁଲବାଣୀ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଫୁଲବାଣୀ ରକ୍ତଭଣ୍ଡାରରେ ଅନୁଷ୍ଠିତ ଶିବିରରେ ଯୁବକ ଯୁବତୀ ମାନେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଫୁଲବାଣୀର ବରିଷ୍ଠ ରକ୍ତଦାତା ପ୍ରଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ । ଅନୁଷ୍ଠିତ କାର୍ଯକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଓ ଯୁବକ ସଂଘର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ଯୁବ ଭାଇ ଓ ଭଉଣୀ ମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଅନୁଷ୍ଠିତ ଦିବସର ମୂଖ୍ୟ ଲକ୍ଷ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଯୁବ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ । ଏହି ଦିବସରେ ଯୁବ ଭାଇ ଓ ଭଉଣୀ ମାନେ କର୍ଣ୍ଣାଟକର ହୁବୁଲି ଠାରେ ଚାଲିଥିବା ୨୬ ତମ ଜାତୀୟ ଯୁବ ଉତ୍ସବର ସିଧା ପ୍ରସାରଣ ଦେଖିଥିଲେ । ଏହି କାର୍ଯକ୍ରମକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭ ଉଦ୍ଘାଟନ କରିଥିଲେ । କୁଇଜ୍ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଏହି ଜାତୀୟ ଯୁବ ଦିବସ ଓ ସପ୍ତାହ ୧୯ ଜାନୁଆରୀ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ ବୋଲି ନେହେରୁ ଯୁବକେନ୍ଦ୍ର ତରଫରୁ ସୂଚନା ଦିଆଯାଇଛି ।ବୈଠକରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଉପସ୍ଥିତ ଥିବା ଯୁବ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସ୍ୱେଚ୍ଛାସେବୀ ଚନ୍ଦ୍ରମଣି ଦେହୁରୀ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଭାରତୀୟ ରେଡକ୍ରସ ସଂସ୍ଥା କେନ୍ଦୁଝର ଶାଖା ପକ୍ଷରୁ କମ୍ବଳ ବଂଟନ

ଘଟଗାଁ, (ପି.ଏନ): କେନ୍ଦୁଝର ଜିଲ୍ଲା ତେଲକୋଇ ନିର୍ବାଚନ ମଣ୍ଡଳୀ ହରିଚନ୍ଦନପୁର ବ୍ଲକ ଅଧିନସ୍ଥ ବଣ ପାହାଡ ଘେରା ଉପାନ୍ତ ଆଦିବାସୀ ଅଂଚଳ ନୋଲ୍ଲ, ବାଉଁରୁ, କନ୍ହେଇଗୋଳା ଆଦି ଗ୍ରାମର ଅସହାୟ ଶତାଧିକ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମଙ୍କୁ ଭାରତୀୟ ରେଡକ୍ରସ ସଂସ୍ଥା କେନ୍ଦୁଝର ଶାଖା ପକ୍ଷରୁ ଉନ୍ନତମାନର କମ୍ବଳ, ଦେହଲଗା ସାବୁନ ବଂଟନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ, ଆପାତକାଳୀନ ଅଧିକାରିଣୀ ସୁରଂଜୀକା ବେହେରା, ଜିଲ୍ଲା ରେଡକ୍ରସ ଯୁଗ୍ମ ସଂପାଦକ ଏ.ଆର. ଖାନ, ସତ୍ୟବାଦୀ ଲାଗୁରୀ ପ୍ରମୁଖଙ୍କ ନେତୃତ୍ୱରେ ଗରୀବ ଲୋକଙ୍କୁ କମ୍ବଳ ବଂଟନ ସମ୍ପନ୍ନ ହୋଇଥିଲା ।

ଏଠାରେ ସୂଚନାଯୋଗ୍ୟ ଯେ, ଏଥି ପୂର୍ବରୁ ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶ କ୍ରମେ ହରିଚନ୍ଦନପୁର ବ୍ଲକର କୁଆଝରଣ ଆଦିବାସୀ ଗ୍ରାମର, ତେଲକୋଇ ବ୍ଲକର ଖଡୁରିଆ ଗ୍ରାମ ଓ ଝୁମ୍ପୁରା ବ୍ଲକର ବାଲିବନ୍ଧ ଛୋଟୁସାହି ଆଦି ଗ୍ରାମର ନିରାଶ୍ରୟ ଅସହାୟ, ଅକର୍ମଣ୍ୟ ଲୋକଙ୍କୁ କମ୍ବଳ, ସାନିଟାଇଜର କିଟ୍ ବଣ୍ଟନ କରାଯାଇଥିଲା ।

# ବଲାଙ୍ଗିର ଜିଲ୍ଲା ଓଡ଼ିଶା ପ୍ରଶାସନିକ ସେବା ସଂଘର ଜରୁରୀ ବୈଠକ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲା ଓଡ଼ିଶା ପ୍ରଶାସନିକ ସେବା ସଂଘ ଆଜି ଏକ ଜରୁରୀ ବୈଠକରେ ଗତକାଲି ୧୨ ତାରିଖ ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲାପାଳ ତଥା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ବ୍ୟକ୍ତିଗତ ଆକ୍ଷେପକୁ ନିନ୍ଦା କରି ଏହା ସୁସ୍ଥ ପରମ୍ପରାର ପରିପନ୍ଥୀ ବୋଲି କୁହାଯାଇଛି । ଆଜି ବଲାଙ୍ଗିର ଓଡିଶା ପ୍ରଶାସନିକ ସେବା ସଂଘର ଜରୁରୀ ବୈଠକରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଗତକାଲି କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ସରକାରୀ ଅଧିକାରୀଙ୍କ ପ୍ରତି ପ୍ରଦର୍ଶନ କରିଥିବା ଆଚରଣ ଅତ୍ୟନ୍ତ ଦୁଖଦାୟକ ବୋଲି ମତ ପ୍ରକାଶ ପାଇଥିଲା । ବୈଠକରେ ''ତମର ବାପାର ସମ୍ପତି '' ବୋଲି କହିବା ଅତ୍ୟନ୍ତ ଦୁଖଦାୟକ । 'ଏହି ଜିଲ୍ଲାରେ ଅନେକ ଜିଲ୍ଲାପାଳ ମାଡ ଖାଇଛନ୍ତି 'ବୋଲି କହିବା ଅତ୍ୟନ୍ତ ଅଭଦ୍ରୋଚିତ । ସରକାରୀ ପଦାଧିକାରୀଙ୍କ ମା- ବାପା ଙ୍କୁ ଏକ ସରକାରୀ ବୈଠକରେ ଆକ୍ଷେପ କରିବା ଅତ୍ୟନ୍ତ ସମ୍ବେଦନଶୀଳ ବିଷୟ । ବିଧାୟକଙ୍କ ଏଭଳି ମନ୍ତବ୍ୟ ଓ ଅଶାଳୀନ ଆଚରଣ ସମସ୍ତଙ୍କୁ ମର୍ମାହତ କରିଛି । ସରକାରୀ ଅଧିକାରୀମାନେ ନିଜର କର୍ତବ୍ୟ ଉପରେ ସମ୍ପୂର୍ଣ୍ଣ ସଚେତନ । ତୃଣମୂଳ ସ୍ତରରେ ନିର୍ବାଚିତ ପ୍ରତିନିଧି ହୁଅନ୍ତୁ ଅବା ବିଧାୟକ ସମସ୍ତଙ୍କ ପ୍ରତି ସରକାରୀ ଅଧିକାରୀଙ୍କ ଯଥୋଚିତ ସମ୍ମାନ ରହିଛି । କିନ୍ତୁ ନିର୍ବାଚିତ ପ୍ରତିନିଧି ମାନେ ପାରସ୍ପରିକ ସମ୍ମାନ ରକ୍ଷା ନକଲେ ସୁସ୍ଥ ଗଣତନ୍ତ୍ର ତିଷ୍ଠି ପାରିବ ନାହିଁ ବୋଲି ଆଜିର ବୈଠକରେ ମତ ପ୍ରକାଶ ପାଇଛି ।ଆଜିର ବୈଠକରେ ହୋଇଥିବା ନିଷ୍ପତି ଅନୁସାରେ ଏହି ଘଟଣାର ପ୍ରତିବାଦ ସ୍ୱରୂପ ସଂଘ ସଦସ୍ୟମାନେ ୧୬ ଜାନୁଆରୀରୁ ୧୮ ଜାନୁଆରୀ ପର୍ଯ୍ୟନ୍ତ କଳା ବ୍ୟାଚ୍ ପରିଧାନ କରିବେ । ଆଗାମୀ ଦିନରେ ଏତାଦୃଶ ଘଟଣାକୁ ବରଦାସ୍ତ କରାଯିବ ନାହିଁ ତାର ଦୃଢ଼ ଜବାବ ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

# ସାମ୍ବିଧାନିକ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କିତ ଆଇନ ସଚେତନତା ଶିବିର

ଜୟପୁର, (ପି.ଏନ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଆନୁକୁଲ୍ୟରେ ସୌରଗୁଡା ବିଦ୍ୟାଳୟରେ ଠାରେ ସାମ୍ବିଧାନିକ କର୍ତବ୍ୟ ଓ ଅଧିକାର ସମ୍ପର୍କିତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସଚିବ ତଥା ବିଚାରପତି ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁରର ସୁମନ ଜେନା, ପାନେଲ ଓକିଲ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଗୁପ୍ତ ସାବତ, ସୌରଗୁଡା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରି କମଳା କୁମାରୀ ଦାଶ, ପାରା ଲିଗାଲ ସ୍ୱେଚ୍ଛାସେବୀ ରାଜଲକ୍ଷ୍ମୀ ପରିଡା ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମୀ ଏବଂ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉକ୍ତ ସାମ୍ବିଧାନିକ କର୍ତବ୍ୟ ଓ ଅଧିକାର ସମ୍ପର୍କିତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସଚିବ ଶ୍ରୀ ଜେନା ଜିଲ୍ଲା ଆଇନ ସେବା ଦ୍ୱାରା ଯେପରି ମାଗଣା ଆଇନସେବା, ମଧ୍ୟସ୍ଥତା ଓ ଆପୋଷ ମିଳାମିଶା ମାଧ୍ୟମରେ ମାମଲାର ସମାଧାନ, ପ୍ରାକ-ମୋକଦ୍ଦମା, ବାଧ୍ୟତାମୂଳକ ଶିକ୍ଷାଗତ ଅଧିକାର ଅଧିନିୟମ ଓ ଜାତୀୟ ଆଇନ ସେବାପ୍ରାଧିକରଣ ଦ୍ୱାରା ପ୍ରଦତ ୧୦ ଟି ନୂଆ ଯୋଜନା ଏବଂ ସରକାରଙ୍କ ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା କିପରି ଲୋକମାନଙ୍କ ପାଖକୁ ପହଂଚିବ ତାହା ଉପରେ ବର୍ଣ୍ଣନା କରିଥିଲେ ଓ ଶେଷରେ ସାମ୍ବିଧାନିକ କର୍ତବ୍ୟ ଓ ଅଧିକାର ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ପରିଶେଷରେ ପ୍ରଧାନ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଭାରତମାତାଙ୍କ ପ୍ରତି ସମର୍ପଣ ହିଁ ଯୁବ ସମାଜ ପାଇଁ ଆହ୍ୱାନ

ଜୟପୁର, (ପି.ଏନ): ସରକାରୀ ମହିଳା ମହାବିଦ୍ୟାଳୟ ଜୟପୁର ଠାରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ଆନୁକୁଲ୍ୟରେ ଜାତୀୟ ଯୁବ ଦିବସ ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶକୁ ଲୋକଙ୍କ ନିକଟରେ ପହଂଚାଇ ଏକ ଦିବ୍ୟ ଓ ଭବ୍ୟ ଭାରତ ନିର୍ମାଣର ବାର୍ତା ନେଇ ସେପ୍ଟେମ୍ବର ୨୫ରୁ ସାରା ରାଜ୍ୟ ପରିକ୍ରମା କରୁଥିବା ଭାରତମାତା ରଥ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ପ୍ରବେଶ ପରେ କଲେଜର ଛାତ୍ରୀ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ପୁଷ୍ପ ବର୍ଷା କରି ସ୍ୱାଗତ କରିଥିଲେ । ଅଧ୍ୟକ୍ଷା ଡ. ମନୋରମା ଦେବୀ ଭାରତମାତାଙ୍କ ଗଳାରେ ମାଲ୍ୟାର୍ପଣ କରି ପୂଜନ ପରେ ନିଦ୍ରିତ ଭାରତକୁ ଜାଗ୍ରତ କରିବା ବାର୍ତାରେ କନ୍ୟାକୁମାରୀ ବିବେକାନନ୍ଦ କେନ୍ଦ୍ରର ସେବା ବ୍ରତୀ ସ୍ୱେଚ୍ଛାସେବୀ ମାନେ ଏକ ପଥପ୍ରାନ୍ତ ନାଟକ ପିଲାଙ୍କ ସାମ୍ନାରେ ପରିବେଷଣ କରି ଯୁବସମାଜକୁ ରାଷ୍ଟ୍ର ହିତ ଯଜ୍ଞରେ ଆହୂତି ଦେବାକୁ ନିବେଦନ କରାଯାଇଥିଲା । ପରେ ଏକ ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷା ଡ. ମନୋରମା ଦେବୀ ଏଥିରେ ସଭାପତିତ୍ୱ କରିବା ସହ ପ୍ରାରମ୍ଭିକ ଭାଷଣ ଜରିଆରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ସ୍ୱାମୀ ବିବେକାନନ୍ଦ କେନ୍ଦ୍ରର ଆଜୀବନ ସମର୍ପିତ କାର୍ଯ୍ୟକର୍ତା ରବି ନାଇଡୁ ଛାତ୍ରୀ ମାନଙ୍କୁ ଆଗାମୀ ୨୫ ବର୍ଷ ଭିତରେ ଯୁବସମାଜ ବିକଶିତ ଭାରତ ଗଠନରେ କ'ଣ କରିପାରିବେ ଏବଂ ସେମାନଙ୍କ ସହଯୋଗରେ ୨୦୪୭ ବେଳକୁ ଭାରତର ସ୍ଥିତି ବିଶ୍ୱ ଦରବାରରେ କିପରି ହେବ ଏକ ଚୁମ୍ବକୀୟ ଅଭିଭାଷଣ କଥୋପକଥନ ଶୈଳୀରେ ପ୍ରଦାନ କରିଥିଲେ । ସେ କହିଥିଲେ, ସ୍ୱାମୀଜୀଙ୍କ ଅନୁସାରେ ପ୍ରଥମେ ଦେଶକୁ ଜାଣିବା ଓ ଭାରତମାତାଙ୍କୁ ନିଜ ମାଆ ଭାବେ ଭଲ ପାଇ ତାଙ୍କ ପାଇଁ କିଛି କରିବାକୁ ଆହ୍ୱାନ ଦେବା ସହ ନାରୀ ଶକ୍ତି ଜାଗ୍ରତ ହେଲେ ଭାରତମାତା ପୁଣିଥରେ ପରମ ବୈଭବଶାଳୀ ସୋଇପାରିବେ ବୋଲି କହିଥିଲେ । ମଂଚାସୀନ ଥିଲେ ଇଂଜିନିୟର ନିର୍ମଳ ଚନ୍ଦ୍ର ମଲ୍ଲିକ, ଇଂଜିନିୟର କେଦାରନାଥ ବେହେରା, ଡ଼. ସୁରେଶ ଦାଶ ଓ ଉପସ୍ଥିତ ଥିବା ଅତିଥି ମାନେ ହେଲେ ଡ଼. ସଚିଦାନନ୍ଦ ପାତ୍ର, ଭଉଣୀ ରେଣୁକା ଗୁପ୍ତା, ଭଉଣୀ ନିଲମ, ମଧୁ ଭାଇ, ପ୍ରମୋଦ ରାଉଳ, ବରୁଣ ଜୈନ୍, ସମାଜସେବୀ ପ୍ରଫୁଲ୍ଲ ପାଠୀ ଓ ଅନ୍ୟମାନେ ।କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ଼. ମନୋରଞ୍ଜନ ପ୍ରଧାନ ଓ ଧନ୍ୟବାଦ ଅର୍ପଣ କରିଥିଲେ ଯୁବ ରେଡକ୍ରସ୍ କାଉନସିଲର ଅଧ୍ୟାପିକା ଡ଼ କନକଲତା ମହାପାତ୍ର । ପ୍ରାୟ ତିନି ଶହ ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ । ସଭା ଶେଷରେ କଲେଜ ପରିସରରେ ଆୟୋଜିତ ଭ୍ରାମ୍ୟମାଣ ପୁସ୍ତକ ବିକ୍ରୟ କେନ୍ଦ୍ରରୁ ଛାତ୍ରୀ ଅଧ୍ୟାପକ ଅଧ୍ୟାପିକାମାନେ ସ୍ୱାମୀ ବିବେକାନନ୍ଦଙ୍କ ଆଧାରିତ ବହୁ ଉପାଦେୟ ପୁସ୍ତକ କିଣିଥିଲେ ।


MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक



Bhubaneswar Tuesday January 17, 2023 ଭୁବନେଶ୍ୱର ମଙ୍ଗଳବାର, ଜାନୁଆରୀ ୧୭,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ରାଜ୍ୟପାଳଙ୍କୁ ଚିତ୍ରଶିଳ୍ପୀ ଅଜୟ ପଣ୍ଡାଙ୍କ ଫଟୋଚିତ୍ର ଉପହାର

କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଦୋହଲୀ ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବଲି ସମାରୋହ ଉଦଯାପିତ ହୋଇଯାଇଛି । ଓଡିଶାର ଲବ୍ଧ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ତଥା ଏହି ବିଦ୍ୟାଳୟର ପୁରାତନ ଛାତ୍ର ଅଜୟ ପଣ୍ଡାଙ୍କ ପକ୍ଷରୁ ଏକକ ଚିତ୍ରକଳା ପ୍ରଦର୍ଶନୀ ମଣ୍ଡପ ସ୍ଥାନ ପାଇଥିଲା । ଏହି ପ୍ରଦର୍ଶନୀରେ ଶ୍ରୀ ପଣ୍ଡାଙ୍କ ଦ୍ୱାରା ଅଙ୍କିତ ଉଭୟ ଜଳରଙ୍ଗ ଓ ତୈଳରଙ୍ଗର ୬୦ଟି କଳାକୃତି ଦର୍ଶକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଗ୍ରସ୍ତ କାର୍ଯ୍ୟକ୍ରମ ସମୟରେ ଶ୍ରୀ ପଣ୍ଡାଙ୍କ ଦ୍ୱାରା ଅଙ୍କିତ ଏକ ଫଟୋଚିତ୍ରକୁ ପ୍ରଫେସର ଲାଲଙ୍କୁ ପ୍ରଦାନ କରାଯାଇଥିଲା । ସୂଚନା ଯୋଗ୍ୟ କେନ୍ଦ୍ରାପଡା ଜିଲ୍ଲାରେ ଚିତ୍ର ବିଦ୍ୟାର ପ୍ରସାର ନିମନ୍ତେ ନିରବଚ୍ଛିନ୍ନ ଭାବେ ଦୀର୍ଘ ବର୍ଷ ଧରି ମିରପାଟଣା ସ୍ଥିତ ନିଜସ୍ୱ



କଳା ପ୍ରଶିକ୍ଷଣ ଅନୁଷ୍ଠାନ " ଅରୋ ଚିତ୍ରକଳା ବିଦ୍ୟାଳୟ" ମାଧ୍ୟମରେ ପିଲାମାନଙ୍କୁ ଚିତ୍ରକଳା ଶିକ୍ଷା ଦେଇ ଆସୁଛନ୍ତି ଏବଂ ବର୍ତ୍ତମାନ ଶ୍ରୀ ପଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟ କେନ୍ଦ୍ରାପଡାରେ କଳାଶିକ୍ଷକ ଭାବେ କାର୍ଯ୍ୟରତ ।

## ସାକ୍ଷୀଗୋପାଳ ମହାବିଦ୍ୟାଳୟରେ ଅଭିଭାବକ :ଶିକ୍ଷକ ବୈଠକ

ସାକ୍ଷୀଗୋପାଳ, (ପି.ଏନ):- ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ଆଜି +୩ ବିଜ୍ଞାନ ବିଭାଗର ଅଭିଭାବକ - ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ. ରତିକାନ୍ତ ପରିଡ଼ା ସଭାପତିତ୍ୱ କରି ଅଭିଭାବକମାନଙ୍କୁ ସ୍ୱାଗତ କରିବା ସହ ଅଭିଭାବକଙ୍କ ଜ୍ଞାତସାରରେ ଛାତ୍ରଛାତ୍ରୀମାନେ ନିୟମିତ ଭାବରେ ମହାବିଦ୍ୟାଳୟ ଆସି ଅଭିଜ୍ଞ ପ୍ରାଧ୍ୟାପକମାନଙ୍କ ଠାରୁ ଅଧ୍ୟୟନ କରନ୍ତୁ ବୋଲି ଅଭିଭାଷଣରେ କହିଥିଲେ । ସଂସ୍କୃତ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ତଥା ଏକାଡେମିକ ବର୍ଷର ପ୍ର. ସୁଜାତା ମହାପାତ୍ର କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ବୈଠକର ଅଭିପ୍ରାୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ସମଗ୍ର କାର୍ଯ୍ୟକ୍ରମଟିକୁ ଗଣିତ ବିଭାଗର ମୁଖ୍ୟ ପ୍ର. ଧନୁର୍ଦ୍ଧର ମୁଦୁଲି ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମଟିରେ ଅଭିଭାବକମାନଙ୍କୁ ନିଜ ନିଜର ମତ ରଖିବା ପାଇଁ ଆମନ୍ତ୍ରଣ କରାଯାଇଥିଲା । ସମସ୍ତ ଅଭିଭାବକ ମାନଙ୍କ ପ୍ରଶ୍ନର ଉତର ତଥା ସମାଧାନ କରିବା ପାଇଁ ପ୍ର. ସତ୍ୟ ଶିବ ସୁନ୍ଦର ମିଶ୍ର, ଡ଼ଃ. ରାଜଶ୍ରୀ ଶତପଥୀ, ପ୍ର. ମନୋଜ ମହାକୁଡ଼, ପ୍ର.ଶୁଭଲଗ୍ନା ମହାନ୍ତି, ପ୍ର. ପ୍ରଦୂଷ ରଥ ପ୍ରମୁଖ ପ୍ରତିଶୃତି ଦେଇଥିଲେ । ମହାବିଦ୍ୟାଳୟର ବଡ଼ବାବୁ ରାଜକିଶୋର ପତି ଅଭିଭାବକମାନଙ୍କ ଯାହାକିଛି ସମସ୍ୟା ରହିଛି ତାହାର ତୁରନ୍ତ ସମାଧାନ ନିମନ୍ତେ ବିଶ୍ୱାସ ଜନ୍ମାଇଥିଲେ । ପରିଶେଷରେ ଉଭିଦ ବିଜ୍ଞାନର ଅଧ୍ୟାପିକା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ଫୁଲନଖରା, (ପି.ଏନ): କଟକ ସଦର ଥାନା ଅନ୍ତର୍ଗତ ଅରଡ଼ିଆପଦା ଗତେଶ୍ୱର ମହାଦେବ ମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିରର ୯ମ ବାର୍ଷିକ ଉତ୍ସବ ତିନିଦିନ ଧରି ପାଳିତ ହୋଇଛି । ଏଥିରେ ମଙ୍ଗଳାପ୍ରସାଦ ମହାନ୍ତି ଓ ସବିତା ମହାନ୍ତି କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ସଂଧ୍ୟାରେ ମହାଧରପଡ଼ା, ଅରଡ଼ିଆପଦା, ଡିହସାହି, ବଣଦେଉଳି, ନଗରୀ, ରଙ୍ଗଣିସାହି, ବେତଖୋଲି, ଖଣ୍ଡାଗର, ବାଟପୁରଣ, ସନ୍ତୋଳ, ଦଳବାଡ଼ ଆଦି ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ବିନାୟକ ମହାପାତ୍ର, ଅମ୍ବିକାପ୍ରସାଦ ମହାନ୍ତି, ଘନଶ୍ୟାମ ମହାନ୍ତି, ସୁମନ୍ତକୁମର ସ୍ୱାଇଁ, ବାସୁଦେବ ଦାଶ, ରବିନାରାୟଣ ଦାଶ, ବରଦାପ୍ରସାଦ ବେଉରା, ଅଜୟକୁମାର ବେଉରା, ବିସ୍ମୟଆଲୋକ ଦାଶ, କେଶବଚନ୍ଦ୍ର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନିଖୋଜ ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଟକ, (ପି.ଏନ): ନିଖୋଜ ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଆଠଗଡ଼ ବ୍ରାହ୍ମଣବସ୍ତା ଜଙ୍ଗଲରୁ ଉଦ୍ଧାର ହୋଇଛି । ତାଙ୍କ ଆକ୍ଟିଭା ଗାଡି ନଂ ଓଡ଼ି୦ ୨ ବି-ଏସ୩୦୧୧ ଠାରୁ ୨୦୦ ମିଟର ଦୂରରେ ତାଙ୍କ ମୃତଦେହ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଥିଲା । ପୋଲିସ ମୃତଦେହକୁ ଉଦ୍ଧାର କରିଛି । ଘଟଣାସ୍ଥଳରେ ମଙ୍ଗଳବାଗ ଥାନା, ଗୁରୁଡ଼ିଝଟିଆ ଥାନା ଓ ଧବଳେଶ୍ୱର ଫାଣ୍ଡି ପୋଲିସ ଉପସ୍ଥିତ ରହିଛନ୍ତି । ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚିଛି । ସାଇଂଟିଫିକ୍ ଟିମ୍ ସହାୟତାରେ ପୋଲିସ ଛାନଭିନ୍ ଆରମ୍ଭ କରିଛି ।

## ସାକ୍ଷୀଗୋପାଳ କଲେଜରେ ଜାତୀୟ ଯୁବ ଦିବସ ଓ ପୁସ୍ତକ ଲୋକାର୍ପଣ

ସାକ୍ଷୀଗୋପାଳ, (ପି.ଏନ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ଉତ୍ସାହ ଓ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ ଡ଼ଃ. ରତିକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଗବେଷକ ଡ଼ଃ. ସୁରେନ୍ଦ୍ର ନାଥ ମିଶ୍ର ଓ କବି ଅଧ୍ୟାପକ ପବିତ୍ର ମୋହନ ଦାଶ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଦେଶ ଓ ଜାତିର ଇତିହାସକୁ ନେଇ ଗ୍ଲାନି ବୋଧ ତ୍ୟାଗ କରି ଯଥାର୍ଥ ଗୌରବବୋଧ କଲେ ମଣିଷ ଅତୀତରୁ ପ୍ରେରଣା ପାଏ, ସତ୍ୟବାଦୀର ପଂଚସଖା ହେଉ ବା ଭାରତୀୟ ନବଜାଗରଣ କାଳର ସନ୍ଥ ସନ୍ୟାସୀ, ସଂସ୍କାରକ ସ୍ୱାମୀ ବିବେକାନନ୍ଦ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ହୁଅନ୍ତୁ, ଏମାନଙ୍କ ବିଶ୍ୱଦୃଷ୍ଟି ଭାରତୀୟ ମଣିଷକୁ ରାଜନୈତିକ ପରାଧୀନତାରୁ ମୁକ୍ତ କରିବା ସହ ସାଂସ୍କୃତିକ ଜଡ଼ତା ଓ ଧାର୍ମିକ ଅନ୍ଧବିଶ୍ୱାସରୁ ମୁକୁଳାଇଥିଲା ବୋଲି ଡ଼ଃ. ମିଶ୍ର ତାଙ୍କ ଭାଷଣରେ କହିଥିଲେ । ଉତ୍ସବର ମୁଖ୍ୟବକ୍ତା ପବିତ୍ର ମୋହନ ଦାଶ ସ୍ୱାମୀ ବିବେକାନନ୍ଦଙ୍କ ବିଚାରର ବ୍ୟାପକତା, ମାନବୀୟ ଅନୁରାଗ ଗୁଡିକରେ ଅଧ୍ୟାତ୍ମର ଝଲକ ତାଙ୍କୁ ଏକ ଅନନ୍ୟ ସନ୍ୟାସୀର ପରିଚୟ ଦେଇଛି ଓ ଅସଲ ଅଧ୍ୟାତ୍ମର ବ୍ୟତିରେକ ଧର୍ମ ଓ ଧର୍ମାଚାର କେବଳ ଶୁଷ୍କ କର୍ମକାଣ୍ଡ ବୋଲି ମତଦେଇଥିଲେ । ଅଧ୍ୟକ୍ଷ ଡ଼ଃ. ପରିଡ଼ା ଆପଣାର ସଭାପତୀୟ ଅଭିଭାଷଣରେ ସ୍ୱାମୀ ବିବେକାନନ୍ଦ ଚିରଦିନ ପାଇଁ ଯୁବମାନସର ଆଦର୍ଶ ଓ ପ୍ରେରଣା ହୋଇ ରହିବେ ବୋଲି କହିଥିଲେ । ଉତ୍ସବରେ ଡ଼ଃ. ସୁରେନ୍ଦ୍ର ନାଥ ମିଶ୍ରଙ୍କ ପୁସ୍ତକ ' ଐତିହ୍ୟର ଓଡିଶା ' କୁ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ରତିକାନ୍ତ ପରିଡ଼ା ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭ ଶକ୍ତିପ୍ରସାଦ ଦାଶଙ୍କ ବେଦ ପାଠରେ ହୋଇଥିଲା । ଅଧ୍ୟାପକ ମନୋଜ ପରିଡ଼ା ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ +୩ ଶେଷବର୍ଷ ଛାତ୍ରୀ କୁମାରୀ ରାଜଲକ୍ଷ୍ମୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ ।

## ଦୁର୍ଗତଙ୍କୁ କମ୍ବଳ ବିତରଣ

ଫୁଲନଖରା, (ପି.ଏନ): ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ଅଞ୍ଚଳର ବରିଷ୍ଠ ସମାଜସେବୀ ଇଂ.ସୁଶାନ୍ତକୁମାର ତ୍ରିପାଠୀଙ୍କ ପକ୍ଷରୁ ଦୁର୍ଗତ ବୃଦ୍ଧବୃଦ୍ଧାଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି । ଏହି ଉପଲକ୍ଷେ ବ୍ରାହ୍ମଣଝରିଲୋ ଘନଶ୍ୟାମ ଏନକ୍ଲେଭଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଚ୍ଚନା ତ୍ରିପାଠୀ, କୈଳାସଚନ୍ଦ୍ର ବେହେରା, ଅଶ୍ୱିନୀ ମହାପାତ୍ର, ସରକାରୀ ଓକିଲ କବିନାରାୟଣ ଜେନା, ଲଳିତକୁମାର ଦାଶ, ସରୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ କମ୍ବଳ ବଣ୍ଟନର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ୫୦ଜଣ ବୃଦ୍ଧ ବୃଦ୍ଧାଙ୍କୁ ଶୀତବସ୍ତ୍ର ବିତରଣ ହୋଇଥିଲା । ଜୟନ୍ତକୁମାର ତ୍ରିପାଠୀ, ରଶ୍ମିତା ତ୍ରିପାଠୀ, ଇଂ.ଶିବାନୀ ତ୍ରିପାଠୀ ଓ ଧର୍ମଜିତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଓଡିଶା ସୂଚନା ଅଧିକାର ଅଭିଯାନ (ଓସା) ର କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡ଼ା,(ପି.ଏନ) : ଓଡିଶା ସୂଚନା ଅଧିକାର ଅଭିଯାନ(ଓସା)ର କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଅଭିଯାନର ଜିଲ୍ଲା ଆବାହକ ପ୍ରତାପ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଓସାର ରାଜ୍ୟ ଆବାହକ ସଂଯୁକ୍ତା ପାଣିଗ୍ରାହୀ, ଜିଲ୍ଲା ଉପଦେଷ୍ଟା ଅମର ବିଶ୍ୱାଳ, କେନ୍ଦ୍ରାପଡା ବ୍ଲକ ଦାୟୀତ୍ୱରେ ଥିବା ହିମାଂଶୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକରୁ ଶତାଧିକ ସୂଚନା ଅଧିକାର କର୍ମୀ ଯୋଗଦେଇ ସୂଚନା ଅଧିକାର ଆଇନ ଉପରେ ବିଭିନ୍ନ ଦିଗରୁ ଆଲୋଚନା କରିଥିବା ବେଳେ ସୂଚନା ଅଧିକାର ଆଇନକୁ ଧ୍ୱଂସ କରିବାକୁ ମୋଦି ସରକାର କରିବାକୁ ଯାଉଥିବା ଡିଜିଟାଲ ଡାଟା ପ୍ରୋଟେକ୍ସନ ବିଲ ଉପରେ ମଧ୍ୟ ଚର୍ଚ୍ଚା ହୋଇଥିଲା । ଶେଷରେ ବିଭିନ୍ନ ବ୍ଲକ ମାନଙ୍କରେ କିଭଳି ଅଧିକରୁ ଅଧିକ ସାଧାରଣ ଲୋକ ଏହି ଆଇନ ବ୍ୟବହାର କରି ନିଜ ହକ ହାସଲ ସହ ଦୁର୍ନୀତି ବିରୋଧରେ ଲଢେଇ ଜାରି ରଖିବେ । ଅଭିଯାନର ସଦସ୍ୟ ସଂଖ୍ୟା ବୃଦ୍ଧି ଆଉ ସାଂଗଠନିକ ଦୃଢତା ପାଇଁ ଆଜି ବ୍ଲକ ଦାୟୀତ୍ୱ ରାଜମୋହନ ସ୍ୱାଇଁ, ଦେବ ପ୍ରସାଦ ନନ୍ଦ, ଏବଂ ପଟ୍ଟାମୁଣ୍ଡାଇ ବ୍ଲକ ଦାୟୀତ୍ୱରେ ମୃତ୍ୟୁଞ୍ଜୟ ରାଉତ ସହ ସଞ୍ଜୟ ପଣ୍ଡା, ଦୋଳଗୋବିନ୍ଦ ସାହୁ, କେନ୍ଦ୍ରାପଡା ବ୍ଲକ ଦାୟୀତ୍ୱରେ ହିମାଂଶୁ ଦାସ, ନଳିନୀ ପ୍ରଭା ମହାନ୍ତି, ଅପୂର୍ବ ସେଠୀ ଓ ଜୟଦେବ ସିଂ, ମହାକାଳପଡା ବ୍ଲକ ଦାୟୀତ୍ୱରେ ଅମିତାଭ ଚାନ୍ଦ, ବିନୟ ମଲିକ ଓ ଅମୂଲ୍ୟ କୁମାର ରାଉତ ଓ ଡେରାବିଶ ବ୍ଲକ ଦାୟୀତ୍ୱରେ ମନୋରଞ୍ଜନ ଜେନା, ଭରତ ଚନ୍ଦ୍ର ଚୂଳି ଏବଂ ବାଙ୍କବିହାରୀ ମହାପାତ୍ର, ରାଜକନିକା ବ୍ଲକ ଦାୟୀତ୍ୱରେ ସୁଶାନ୍ତ ନାୟକ ଏବଂ ଗରଦପୁର ବ୍ଲକ ପାଇଁ ପବିତ୍ର ପାଣି, ଦିଲ୍ଲିପ କୁମାର ବେଉରା, ରଞ୍ଜିତ କାପୁ ପ୍ରଭୃତିଙ୍କୁ ଦାୟୀତ୍ୱ ଦିଆଯାଇଛି । ପ୍ରକାଶ ଚନ୍ଦ୍ର ଦାସଙ୍କୁ ଜିଲ୍ଲା ସଂଯୋଜକ ଭାବେ ମନୋନିତ କରାଯାଇଛି । ହିମାଂଶୁ ଦାସ ସମସ୍ତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଲକ୍ ସିଟି ଫେଷ୍ଟ ନା ଶାସକ ଦଳର ମହୋତ୍ସବ: ବିଜେପି

ଭୁବନେଶ୍ୱର,(ପି.ଏନ):କଳା ଓ ସଂସ୍କୃତିର ଜିଲ୍ଲା ଗଞ୍ଜାମ । ସ୍ଥାନୀୟ କଳାକାରଙ୍କୁ ମଂଚରେ ସୁଯୋଗ ଦେବା ସହ ଜିଲ୍ଲାର କଳା ସଂସ୍କୃତିକୁ ବିଶ୍ୱ ଦରବାରରେ ପ୍ରତିପାଦିତ କରିବା ପାଇଁ ବିଭିନ୍ନ ମହୋତ୍ସବର ଆବଶ୍ୟକତା ରହିଛି । କେବଳ କଳାକାରଙ୍କୁ ନୁହେଁ ବରଂ ଜନସାଧାରଣଙ୍କ ମନୋରଞ୍ଜନ ସକାଶେ ମଧ୍ୟ ବିଭିନ୍ନ ମହୋତ୍ସବର ଆୟୋଜକ ଅତି ପ୍ରଶଂସନୀୟ । ସେହିପରି ବ୍ରହ୍ମପୁରରେ ଚ଼ାଲିଥିବା ସିଲକ୍ ସିଟି ଫେଷ୍ଟ ମଧ୍ୟ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । କିନ୍ତୁ ଦୁର୍ଭାଗ୍ୟର କଥା ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆୟୋଜିତ ହୋଇଥିବା ଏହି ଫେଷ୍ଟ ସମ୍ପୁର୍ଣ୍ଣ ଭାବେ ଶାସକ ଦଳର ବ୍ୟକ୍ତିଗତ ମହୋତ୍ସବ ଭଳି ମନେ ହେଉଛି । ନା' ସେଥିରେ ସହରର ବୁଦ୍ଧିଜିବୀଙ୍କୁ ନିମନ୍ତ୍ରଣ କରାଯାଉଛି ନା' ବିଜେଡି ବ୍ୟତିତ ଅନ୍ୟ କୌଣସି ରାଜନୈତିକ ଦଳର ନେତା । କହିବାକୁ ଗଲେ ବ୍ରହ୍ମପୁର ପ୍ରଶାସନ ପକ୍ଷରୁ ଆୟୋଜିତ ହେଉଥିବା ଏହି ମହୋତ୍ସବ ସମ୍ପୁର୍ଣ୍ଣ ବିଜୁ ଜନତା ଦଳର ଏକ କାର୍ଯ୍ୟକ୍ରମ ଭଳି ମନେ ହେଉଛି । ଯାହାକୁ ସାଧାରଣରେ କଡା ନିନ୍ଦା କରାଯାଉଛି । ଖୋଦ୍ ଗଞ୍ଜାମ ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଏଥିରେ ସାମିଲ ହୋଇ ଏହି ମହୋତ୍ସବକୁ ପରିଚ଼ାଳିତ କରୁଥିବା ବେଳେ କେବଳ ରାଜ୍ୟ ଶାସକ ଦଳର ନେତା ଓ କର୍ମୀଙ୍କୁ ନିମନ୍ତ୍ରୀତ କରିବା ଦୁର୍ଭାଗ୍ୟର ବିଷୟ । ପୂର୍ବରୁ ଗଞ୍ଜାମ ଜିଲ୍ଲାର ଏକ ପରିଚ଼ିତ ପର୍ଯ୍ୟଟନ ସ୍ଥଳୀ ଗୋପାଳପୁର ଠାରେ ବଡ ଧରଣର ମହୋତ୍ସବ (ବିଚ୍ ଫେଷ୍ଟିଭାଲ୍) ମଧ୍ୟ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଚ଼ାର ପ୍ରସାର ଜନସଭା ଭଳି କରାଇବା ଜିଲ୍ଲା ପ୍ରଶାସନର ବିଜେଡି ପ୍ରେମକୁ ପଦାରେ ପକାଇଥିଲା । କାରଣ କୌଣସି ଅନ୍ୟ ରାଜନୈତିକ ଦଳର ନେତାଙ୍କୁ ନିମନ୍ତ୍ରଣ ନ'କରିବା ଏବଂ ଜିଲ୍ଲାର ବୁଦ୍ଧିଜିବୀ ମାନଙ୍କୁ ମଧ୍ୟ ମଂଚ଼ରେ ସୁଯୋଗ ନ'ଦେବାକୁ ନେଇ ବିଭିନ୍ନ ମହୋଲରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ବର୍ତ୍ତମାନ ବ୍ରହ୍ମପୁରରେ ଆୟୋଜିତ ସିଲକ୍ ସିଟି ଫେଷ୍ଟ ରେ ମଧ୍ୟ ସହରର ନିର୍ବାଚ଼ିତ ପ୍ରତିନିଧି ମାନଙ୍କୁ ଉପଯୁକ୍ତ ସମ୍ମାନ ନ'ମିଳିବା ଭଳି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ଅତି ଦୁଃଖଦାୟକ । ଚ଼ର୍ଚ୍ଚା ହେଉଛି ପ୍ରଶାସନିକ ଅଧିକାରୀ ମାନେ ସମ୍ପୁର୍ଣ୍ଣ ମନ ମୁତାବକ କାର୍ଯ୍ୟ ଧାରା ବ୍ରହ୍ମପୁର ମହାନଗର ନିଗମରେ ଜାରି ରଖିଥିବା ବେଳେ ନିର୍ବାଚ଼ିତ ଜନ ପ୍ରତିନିଧି ମାନଙ୍କୁ କୌଣସି କ୍ଷେତ୍ରରେ ଗୁରୁତ୍ୱ ଦିଆଯାଉନାହିଁ । କଥା ହେଉଛି, ସଦା ସର୍ବଦା ବହୁଳ ସମସ୍ୟାର ସହର ଭାବେ ପରିଚ଼ିତ ହୋଇ ଆସିଛି ବ୍ରହ୍ମପୁର । ଗୋଟିଏ ପଟେ ମଶା ଦାଉରୁ ଲୋକଙ୍କୁ ରକ୍ଷା କରିବାରେ ବିଏମସି ବିଫଳ ହୋଇଥିବା ବେଳେ ଅନ୍ୟ ପଟେ ସହରରେ ରାସ୍ତାଘାଟର ସମସ୍ୟା ଅତି କଦର୍ଯ୍ୟ । ନାଳ ଗୁଡିକ ସଠିକ୍ ଭାବେ ସଫେଇ ନ'ହେବା ଯୋଗୁଁ ମଶା ସଂଖ୍ୟା ବୃଦ୍ଧି ପାଇବା ସହିତ ରାସ୍ତା ଘାଟ ସମସ୍ୟା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ସଂଖ୍ୟା ବଢ଼ିଚ଼ାଲିଛି । ବିଶେଷ କରି ବ୍ରହ୍ମପୁରର ପରିଚୟ ବ୍ରହ୍ମପୁର ଷ୍ଟେଡିୟମର ବିକାଶ କରିବା ନାଁରେ ଦୀର୍ଘ ବର୍ଷ ଧରି ଏହାକୁ ବନ୍ଦ କରି ରଖିଛନ୍ତି । ବ୍ରହ୍ମପୁର ଷ୍ଟେଡିୟମର ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ସାମଗ୍ରୀ ମଧ୍ୟ ଅତି ନିମ୍ନ ମାନର ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ତଦାରଖ କରାଯାଉନାହିଁ । ସେହିପରି ସହରର ସିଟି ହାଇସ୍କୁଲ୍ ଖେଳ ପଡିଆ ଆଜି ଅଳିଆ ଗଦାରେ ପରିଣତ ହୋଇଛି । ସବୁଠାରୁ ବଡ କଥା ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ କ୍ରୀଡାକୁ ଗୁରୁତ୍ୱ ଦେଇ ନିଜର ପପୁଲାରିଟି ଅର୍ଜନ କରୁଥିବା ବେଳେ ବ୍ରହ୍ମପୁର ସହରରେ ଥିବା ଖେଳ ପଡିଆ ଗୁଡିକର ପୁନଃରୁଦ୍ଧାର କିମ୍ବା ଏହାର ବିକାଶ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଯାହା ଫଳରେ କ୍ରୀଡାବିତ ଟିଏ ସଠିକ୍ ଭାବେ ନିଜର ଖେଳ ଅଭ୍ୟାସରୁ ବାଦ ପଡୁଛି । ତେବେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ବ୍ରହ୍ମପୁର ସହରରେ ମହୋତ୍ସବର ଆୟୋଜନ କରାଯାଉଥିବା ବେଳେ ସହରର ଉନ୍ନତି କରଣ ସତେ ଯେମିତି ପ୍ରଶାସନିକ ଅଧିକାରୀ ଓ ଶାସକ ଦଳର ନେତାଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି । ପ୍ରଶ୍ନ ଉଠୁଛି ବିକାଶର ନାଁନେଇ ଲୋକଙ୍କୁ ଭୁଆଁ ବୁଲାଉଥିବା ନେତା ଓ ଅଧିକାରୀ ମାନେ ବର୍ତ୍ତମାନ ସରକାରୀ ଅର୍ଥରେ ବଡ ଧରଣର ମହୋତ୍ସବ ଆୟୋଜନ କରି ଏହାକୁ ଶାସକ ଦଳର ମହୋତ୍ସବରେ ପରିଣତ କରିବାକୁ ଦୃଢ଼ ନିନ୍ଦା କରିଛନ୍ତି ଗଞ୍ଜାମ ବିଜେପିର ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚ଼ରଣ ପତି । ଜଦିଓ ମହୋତ୍ସବ ଆୟୋଜନ ହେଉଛି ଏହା ସ୍ୱାଗତ ଯୋଗ୍ୟ । କିନ୍ତୁ ପ୍ରଶାସନିକ ଅଧିକାରୀ ମାନେ ଶାସକ ଦଳର ପ୍ରଚ଼ାର ମହୋତ୍ସବ ନ'କରି ଏହାକୁ ସର୍ବସାଧାରଣଙ୍କ ମହୋତ୍ସବରେ ପରିଣତ କରିବା ସହ ବ୍ରହ୍ମପୁର ସହରର ବିକାଶକୁ ମଧ୍ୟ ଗୁରୁତ୍ୱ ଦେବାକୁ ଶ୍ରୀ ପତି ଦାବୀ କରିଛନ୍ତି

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray